Daily Odia Newspaper
SEITHO ARAMBHA
RNI No : ORIOR/2006/21585
Vol.: 20, Issue : 119
Saturday, 04 July 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୦୪ ଜୁଲାଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସୈତୋ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଗ୍ଲୋବାଲ୍ ଗ୍ରୀନ୍ ହବ୍ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୩/୭ (ଆ.ପ୍ର) : ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏତେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ ବୋଲି ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଂଟରରେ ଆୟୋଜିତ କାର୍ଯ୍ୟକ୍ରମରେ, ଜାପାନୀ ଶିଳ୍ପ ବ୍ୟବସାୟିକ ପ୍ରତିନିଧି ମଣ୍ଡଳଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସେ କହିଛନ୍ତି ଯେ, ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡ଼ିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍' ରେ ପରିଣତ କରାଯିବ । ଆଜି ଲୋକସେବା ଭବନର କନଭେନସନ୍ ସେଂଟରପାରେ ଜାପାନର ବିଜିନେସ୍ ଡେଲିଗେଟ୍ ମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ପୁଞ୍ଜି ନିବେଶ ସମ୍ପର୍କରେ ବିଶେଷକରି ସବୁଜ ଅର୍ଥନୀତିର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାର ଲଣ୍ଡନର ଗ୍ରୁପ ଓ IHI Corporation ସହିତ ଏକ ସହଯୋଗ ପତ୍ର ବା Memorandum of Cooperation (MoC) ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ । ଏହି ସହଯୋଗ ଦ୍ୱାରା ଟେକ୍ନୋଲୋଜି ଟ୍ରାନ୍ସଫର, ପରିବେଶ ଅନୁକୂଳ ଦାୟିତ୍ୱପୂର୍ଣ୍ଣ ଶିଳ୍ପାୟନ ସହିତ ଓଡ଼ିଶାରେ କ୍ୟାପେକ ନିର୍ମୁଣ୍ଡି ଓ ଅଫିସିଏଣ୍ଟ ସୁଯୋଗ ସୃଷ୍ଟି ହେବ । ଏହି ଦୁଇଟି କମ୍ପାନୀ ACME ଓ IHI ଓଡ଼ିଶାରେ ୩ଟି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସହଯୋଗର ହାତ ବଢାଇଛନ୍ତି । ଏହାର ସମୁଦାୟ ନିବେଶ ମୂଲ୍ୟ ପ୍ରାୟ ୬୭,୦୦୦ କୋଟି ଟଙ୍କା ଏବଂ ଏହା ଦ୍ୱାରା ୭,୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପ୍ରକଳ୍ପ ସ୍ଥାପିତ ହେଲା ଗୋପାଳପୁରରେ 0.4 MTPA କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପ । ଏଥିରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା

୩,୪୦୦ ନିଯୁକ୍ତି ସୃଷ୍ଟି ହେବ । ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି ବିହୀନ ଫ୍ଲୋଟିଙ୍ଗ୍ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ । ଏହା ସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ 0.8 MTPA କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ । ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ । ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ 0.8 MTPA କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ । ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ । ଏହି ଅବସରରେ ଦେଶର ଅନ୍ୟତମ ବୃହତ୍ତମ ଗ୍ରୀନ୍ ହାଇଡ୍ରୋଜେନ୍ ଇକୋସିଷ୍ଟମ ପ୍ରତିଷ୍ଠା ନେଇ ଓଡ଼ିଶାର ଦୂରଦୃଷ୍ଟି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି । ଗତକାଲି ମଧ୍ୟପ୍ରାଚ୍ୟର ନିବେଶଙ୍କଙ୍କ ସହ ୧୧ ବିଲିୟନ ଡଲାରର ବୁଝି ପରେ ଆଜି ଦୂର ପ୍ରାଚ୍ୟ ବହୁ ଜାପାନ ସହିତ ହୋଇଥିବା ଏହି ସହଭାଗିତା ରାଜ୍ୟର ଶିଳ୍ପ କ୍ଷେତ୍ରକୁ ଆହୁରି ଉନ୍ନତ କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ବର୍ତମାନ ସୁଦ୍ଧା ୧୨ଟି ପ୍ରମୁଖ ଗ୍ରିନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି । ଏହାଦ୍ୱାରା ରାଜ୍ୟରୁ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩୬ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ପାରାଦୀପ, କେନ୍ଦ୍ରାପଡ଼ା ଓ ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡର ବିକାଶ କରାଯାଉଛି, ଯାହା ଭାରତର 'ଲାଞ୍ଚର ରାଜଧାନୀ' ଓଡ଼ିଶାକୁ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନରେ ବିଶ୍ୱସ୍ତରୀୟ ଅଗ୍ରଣୀ କରାଇବ । ଏହି କାର୍ଯ୍ୟକ୍ରମରେ ACME, IHI ଓ MITSUBISHI ଆଦି ଅନ୍ତର୍ଜାତୀୟ ସ୍ତରର କମ୍ପାନୀର ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ IHI କର୍ପୋରେସନ୍‌ର ରାଜ୍ୟରେ ଏକ 'ଜାପାନୀ ଗ୍ରୀନ୍ ଇଣ୍ଡଷ୍ଟ୍ରିୟରିଂ' ଏବଂ ଇକୋସେସନ୍ ସେଂଟର' ଏବଂ MITSUBISHI କର୍ପୋରେସନ୍‌ର ଗ୍ରୀନ୍ କେମିକାଲ୍ସ ଓ ସ୍ମାର୍ଟ ଇନ୍ଧନ କ୍ଷେତ୍ରରେ ନିବେଶ ପାଇଁ ବିଶେଷ ଆମନ୍ତ୍ରଣ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଜାନୁଆରୀରେ 'ଉତ୍କଳ୍ପ ଓଡ଼ିଶା' ପପରୁ ରାଜ୍ୟରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି ଏବଂ ବିତତ ଦେଢ଼ ବର୍ଷ ମଧ୍ୟରେ ଓଡ଼ିଶା ସରକାର ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି । ରାଜ୍ୟର ୨୯ଟି ଜିଲ୍ଲାରେ ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହିତ ଆଗାମୀ କିଛି ଦିନ ମଧ୍ୟରେ ରାଜ୍ୟର ସବୁ ଜିଲ୍ଲାରେ ଉଦ୍ୟୋଗ ପ୍ରତିଷ୍ଠା କରାଯାଇ ସମ୍ଭାବେଶୀ ଶିଳ୍ପାୟନର ଲକ୍ଷ୍ୟକୁ ସାକାର କରାଯିବ । ଏହି ଆଲୋଚନାରେ, ଆଇଏଚ୍‌ଆର (IHI) କର୍ପୋରେସନ୍ ର President ଓ CEO Hiroshi Ide ଓଡ଼ିଶାର ସବୁଜ ଶକ୍ତି ନୀତି ଏବଂ ପୁଞ୍ଜିନିବେଶ ପରିବେଶକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ ଓଡ଼ିଶାରେ ଶକ୍ତି କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ସହଯୋଗ ଓ ସରକାରଙ୍କ ଦୂରଦୃଷ୍ଟିଭଙ୍ଗୀକୁ ଶକ୍ତି ନୀତି ଦେଶ୍ୟ ପ୍ରଶଂସନୀୟ । ଜାପାନ ପାଇଁ ସବୁଜ ଶକ୍ତି (ଗ୍ରୀନ୍ ଏନର୍ଜି) କ୍ଷେତ୍ରରେ ବୃହତ ପୁଞ୍ଜିନିବେଶ କରିବା ନିମନ୍ତେ ଓଡ଼ିଶା ଏକ ସର୍ବୋତମ ଏବଂ ସୁଦୃଢ଼ ମାଧ୍ୟମ ସାଜିଛି ବୋଲି ସେ କହିଥିଲେ । Mitsubishi ଗ୍ରୁପ୍ କେମିକାଲ୍ସ କମ୍ପାନୀର ପ୍ରତିନିଧି ଓଡ଼ିଶାର ଏକ ସୁସ୍ଥ ଓ ସୁଦୃଢ଼ ଭବିଷ୍ୟତ ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏସିସମଲ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡିରେକ୍ଟର ମନୋଜ କୁମାର ଜଯାସ୍ୱାଲ ଓଡ଼ିଶାର ଶିଳ୍ପାନୁକୂଳ ପରିବେଶକୁ ପୁଞ୍ଜିନିବେଶର ଶ୍ରେଷ୍ଠ ଗନ୍ତବ୍ୟସ୍ଥଳ ବୋଲି କହିଛନ୍ତି । ସେ କହିଛନ୍ତି ଯେ ବର୍ତମାନ ସମୟରେ ସବୁଜ ଶକ୍ତି କ୍ଷେତ୍ରରେ ନିବେଶ ପାଇଁ ଓଡ଼ିଶା ସବୁଠାରୁ ଅନୁକୂଳ ଏବଂ ଆକର୍ଷଣୀୟ ସ୍ଥାନ ଭାବେ ଉଭା ହୋଇଛି । ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଜାପାନର ଅଧିକ ନିକଟତର । ତେଣୁ ଓଡ଼ିଶାରେ ଉତ୍ପାଦିତ ସବୁଜ ଶକ୍ତିକୁ ଖୁବ୍ ସହଜରେ ଜାପାନକୁ ରପ୍ତାନି କରାଯାଇପାରିବ ଏବଂ ଆଗାମୀ ଦିନରେ ଓଡ଼ିଶା ସମ୍ପଦାୟର ସହ ଜାପାନକୁ ଶକ୍ତି ରପ୍ତାନୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ଟେକ୍ନିକାଲ ଶିକ୍ଷାମନ୍ତ୍ରୀ ଶ୍ରୀମତ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜାପାନୀ ପ୍ରତିନିଧିମଣ୍ଡଳ ସମେତ ଟି.ଆର.ଏଲ୍. କ୍ରୋସାକି, ଟି.ଓ.ଜି.କେ. କର୍ପୋରେସନ୍, ଲଣ୍ଡୋ ମିସିନ୍, ଏ.ଟି.ଏମ୍.ଇ. ଗ୍ରୁପ୍, ଆଇ.ଏଚ୍.ଆଇ. କର୍ପୋରେସନ୍ ଓ ମିତସୁବିଶିର ପ୍ରତିନିଧିବୃନ୍ଦ ।

ଜୈଶ-ଏ-ମହମ୍ମଦର ୮ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ୦୩/୭ (ନ୍ୟୁ.ଏ) : ଗୁଜୁରାଟ ଏବଂ ମଧ୍ୟପ୍ରଦେଶରୁ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ୮ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି । ଗୁଜୁରାଟ ATS ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ସମସ୍ତ ଆତଙ୍କବାଦୀଙ୍କୁ ଧରିଛି । ଗୁଜୁରାଟ ଆଂଟି ଟେରର ସ୍କ୍ୱାଡ୍ କହିଛି ଯେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ୮ ଜଣ ଅଭିଯୁକ୍ତଙ୍କୁ ଗୁଜୁରାଟ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାରୁ ଗିରଫ କରାଯାଇଛି । ସେମାନେ ଗୁଜୁରାଟରେ ଏହାର ଆତଙ୍କବାଦୀ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବା ପାଇଁ ଏକ ସକ୍ରିୟ ନେଟୱାର୍କ ଚଳାଉଥିଲେ । ଜୈଶ-ଏ-ମହମ୍ମଦର ନିର୍ଦ୍ଦେଶରେ ଏହି ୟୁନିଟି ଚାଲିଥିଲା । ସମସ୍ତ ଆଠ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି । ଚଳବଳ ର ଧାରା ୧୩, ୧୭, ୧୮, ୩୮, ୩୯ ଏବଂ ୫୩୦ର ର ଧାରା ୧୪୮, ୬୧ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଗୁଜୁରାଟ ATSର ଜଣେ ଅଧିକାରୀ କହିଛନ୍ତି, 'ଗୁଜୁରାଟ ଦିନ ଗୁଜୁରାଟ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାରୁ ଆଠ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ସେମାନେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ସଦସ୍ୟ ଏବଂ ଗୁଜୁରାଟରେ ଏକ ସକ୍ରିୟ ଆତଙ୍କବାଦୀ ନେଟୱାର୍କ ପ୍ରତିଷ୍ଠା କରିବା ପାଇଁ ଏହାର ପକ୍ଷରୁ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲେ ।' ଗୁଜୁରାଟ ATS ଗୁଜୁରାଟ ଏବଂ ମଧ୍ୟପ୍ରଦେଶର ଅନେକ ଜିଲ୍ଲାରେ ଏକକାଳୀନ ଅଭିଯାନରେ ୮ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି । ପୋଲିସ ଏବେ ତଦନ୍ତ କରୁଛି ଯେ ଆତଙ୍କବାଦୀ ସଂଗଠନର ସମ୍ପୂର୍ଣ୍ଣ ନେଟୱାର୍କ କିପରି ପ୍ରତିଷ୍ଠିତ ହୋଇଥିଲା, ଏଥିରେ କିଏ ସାହାଯ୍ୟ କରିଥିଲା ଏବଂ ସେମାନଙ୍କର ଭବିଷ୍ୟତ ଯୋଜନା କ'ଣ ଥିଲା । ତଦନ୍ତ ଆଧାରରେ, ଆହୁରି ଅନେକ ଲୋକଙ୍କୁ ଗିରଫ କରାଯାଇପାରେ । ପୋଲିସ ଅଭିଯୁକ୍ତଙ୍କ ଡିଜିଟାଲ କେକର୍ଡ ଖୋଜୁଛି । ଏହି ସୂଚନା ଆଧାରରେ ଅଧିକ ତଦନ୍ତ କରାଯିବ । ଆତଙ୍କବାଦୀଙ୍କ ଆକାଉଣ୍ଟରୁ ହୋଇଥିବା ଆର୍ଥିକ କାରବାରର ମଧ୍ୟ ତଦନ୍ତ କରାଯାଉଛି । ଏହି ନେଟୱାର୍କ ସୃଷ୍ଟି କରିବାରେ କିଏ ଭୂମିକା ଗ୍ରହଣ କରିଥିଲା ତାହା ନିର୍ଣ୍ଣୟ କରିବାକୁ ପୋଲିସ ଚେଷ୍ଟା କରୁଛି । ଏହି ମାମଲାରେ ଅନ୍ୟ ବ୍ୟକ୍ତିଙ୍କ ଭୂମିକା ମଧ୍ୟ ତଦନ୍ତ କରାଯାଉଛି ।

୨ ପୂର୍ବତନ ପିଇଓ ଗିରଫ

ଭୁବନେଶ୍ୱର,୩/୭ : ପୁରୀ ଜିଲ୍ଲାରେ ମଧ୍ୟ ବାଟୁ ପେନସନ ଟଙ୍କା ଲୁଟ୍ ଘଟଣାରେ ୨ ପୂର୍ବତନ ପିଇଓଙ୍କୁ ଗିରଫ କରା ଗଲାଣି । ଜମଗଡ଼ଗୁଆଁ ପଂଚାୟତ ପୂର୍ବତନ PEO ସୁକମଣି ଜାନି ଓ ସାହୁପଡ଼ା ପଂଚାୟତ ପୂର୍ବତନ PEO ବୁଟା ପ୍ରଧାନ ଗିରଫ । ଉଭୟଙ୍କ ମଧ୍ୟରେ ୩୦ ଲକ୍ଷ ୭୮ ହଜାର ପେନସନ ଟଙ୍କା ହଡ଼ପ ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ପୁରୀ ସଦର ବ୍ଲକ୍‌ରେ କାମ କରୁଥିବା ସୁକମଣି ଜାନି ଓ ଗୋପ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ବୁଟା ପ୍ରଧାନ ୩୦ଲକ୍ଷ ୭୮ ହଜାର ଟଙ୍କା ହଡ଼ପ କରିଛନ୍ତି । ୨୦୨୨ରୁ ୨୦୨୫ ମଧ୍ୟରେ ସୁକମଣି ଗଡମଗୁଣସିରା ଓ କାମଗଡ଼ଗୁଆଁରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ । ଏହି ସମୟରେ ମଧୁବାବୁ ପେନ୍ସନ ଯୋଜନାର ହିତାଧିକାରୀ ତାଲିକା ଜାଲିଆଡି କରିବା ସହ ଗରିବ ଅସହାୟକ ପାଇଁ ଆସିଥିବା ୧୫ଲକ୍ଷ ୭୪ହଜାର ୮୨୦ ଟଙ୍କା ଆତ୍ମସାତ କରିଥିଲେ । ସେହିଭଳି, ଲଖପ ବ୍ଲକ ଅନ୍ତର୍ଗତ ସାହୁପଡ଼ା ପଂଚାୟତର ପିଇଓ ଅଜାବେଳେ ଅନେତିକ ଉପାୟ ଅବଲମ୍ବନ କରି ବୁଟା ୧୫ଲକ୍ଷ ୩୩ହଜାର ୮ଶହ ଟଙ୍କା ଆତ୍ମସାତ କରିଛନ୍ତି । ଏ ନେଇ ଅଭିଯୋଗ ପରେ ଜିଲିଲାଡ଼ୁ ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ଜିଲିଲାଡ଼ୁ କୋର୍ଟ ଚାଲାଣ କରିଛି । ସେମାନଙ୍କ ଆୟବହିର୍ଭୂତ ସମ୍ପତ୍ତି ଆଦି ନେଇ ତଦନ୍ତ ଜାରି ରଖିଥିବା ଜିଲିଲାଡ଼ୁ ବିଭାଗ ପକ୍ଷରୁ ଜଣାଯାଇଛି ।

୫୨ହଜାର କୋଟି ଟଙ୍କାର ପ୍ରତିରକ୍ଷା କ୍ରୟକୁ ଅନୁମତି

ନୂଆଦିଲ୍ଲୀ୦୩/୭ (ନ୍ୟୁ.ଏ): ସେନା ଡାକ୍ତରୀର ଯୁଦ୍ଧ ଦକ୍ଷତାକୁ ସୁଦୃଢ଼ କରିବାପାଇଁ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ନେତୃତ୍ୱରେ ଡିଏସି (ପ୍ରତିରକ୍ଷା କ୍ରୟ ପରିଷଦ) ଅତ୍ୟାଧୁନିକ ଅସ୍ତ୍ର, ଗୋଳାବାରୁଦ ଏବଂ ପ୍ରତିରକ୍ଷା ବ୍ୟବସ୍ଥା କ୍ରୟ ସଂକ୍ରାନ୍ତ ବିଭିନ୍ନ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛନ୍ତି । ପ୍ରାୟ ୫୨ ହଜାର କୋଟି ଟଙ୍କାର ପ୍ରତିରକ୍ଷା କ୍ରୟ ପାଇଁ ଡିଏସି ଅନୁମୋଦନ ପ୍ରଦାନ କରିଛି । ଭାରତୀୟ ସ୍ଥଳ ସେନା, ନୌସେନା ଏବଂ ବାୟୁସେନା ପାଇଁ ଅତ୍ୟାଧୁନିକ ଅସ୍ତ୍ର ବ୍ୟବସ୍ଥା, ଗୁଳି ପ୍ରତିରକ୍ଷା ପ୍ଲାଟଫର୍ମ, ଆଂଟି ଡ୍ରୋନ୍ ଟେକନୋଲୋଜି, ମାନବବିହୀନ ସିଷ୍ଟମ୍‌ସ୍ ସ୍ୱାକୃତି ଦିଆଯାଇଛି । ଭାରତୀୟ ସେନା ପାଇଁ ଅନୁମୋଦନ ଦିଆଯାଇଥିବା କେତେକ ପ୍ରମୁଖ କ୍ରୟ ପ୍ରସ୍ତାବ ମଧ୍ୟରେ ଗୁଡ଼ିକ ହେଉଛି ଲୁଏଲି (ଆଂଟି ଅନମାନ୍ଡଡ୍ ଏରିଏଲ ଭେହିକଲ) ଇଲେକଟ୍ରୋନିକ ୱାରଫେୟାର ସିଷ୍ଟମ୍ 'ଆଜାଶ ତରଙ୍ଗ', ଏମ୍‌ପିଏଟିକିଏମ୍ (ମାନ୍-ପୋର୍ଟେବଲ ଆଂଟି ଟ୍ୟାଙ୍କ ଗାଇଡେଡ୍ ମିସାଇଲ) ସିଷ୍ଟମ୍, ଏମ୍‌ଆଇଏସଏଏମ୍ (ମିଡିୟମ ରେଞ୍ଜ ସରଫେସ୍ ଟୁ ଏୟାର ମିସାଇଲ) ଡ୍ରୋନ୍ ସିଷ୍ଟମ୍ । ନୌସେନା ପାଇଁ ଡିଏସି ଏମଆଇଜିଏମ୍ (ମଲ୍ଟି ଇନଫ୍ଲୁଏନ୍ସ୍ ଗ୍ରାଉଣ୍ଡ ମାଇନ୍), ଏଏସଏସୁଏଏଚ୍ (ନାଭାଲ ସିପଚୋର୍ଣ୍ଣ୍ ଅନମାନ୍ଡଡ ଏରିଏଲ୍ ସିଷ୍ଟମ୍) କ୍ରୟ ଏଥିସହ ଆହୁରି ଅନ୍ୟାନ୍ୟ ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି ।

ଲକ୍ଷପତି ଦିଦି ପରେ ମହାଲକ୍ଷପତି ଓ କୋଟିପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ

ଭୁବନେଶ୍ୱର, ୦୩/୭ (ଆ.ପ୍ର) : ରାଜ୍ୟରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଅଭିଯାନରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଏହାପରେ ମହାଲକ୍ଷପତି ଓ କୋଟିପତି ଦିଦି ସୃଷ୍ଟି କରାଯିବା ଲକ୍ଷ୍ୟରଖିଛି ବୋଲି ରାଜ୍ୟସ୍ତରୀୟ ମିଶନଶକ୍ତି ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଲକ୍ଷପତି ଦିଦି' ଅଭିଯାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ମହିଳାଙ୍କ ଆର୍ଥିକ ସଶକ୍ତୀକରଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ ସ୍ୱାବଲମ୍ବୀ କରିବା ସହ ଅଧିକରୁ ଅଧିକ ଲକ୍ଷପତି ଦିଦି, ମହାଲକ୍ଷପତି ଦିଦି ଏବଂ କୋଟିପତି ଦିଦି ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ଲକ୍ଷ୍ୟ ହାସଲରେ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ଦକ୍ଷତା ବୃଦ୍ଧି ଓ କ୍ଷମତା ବିକାଶ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆହୁରି ସଶକ୍ତ କରାଯାଇ ମହିଳା ସଶକ୍ତୀକରଣ ଅଭିଯାନକୁ ନୂତନ ଦିଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ । ଆଜି (ଶୁକ୍ରବାର) ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ମିଶନ ଶକ୍ତି ବିକାଶ ପକ୍ଷରୁ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଯାଇଛି । ଜୁଲାଇରୁ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଆୟୋଜିତ ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୪,୫୦୦ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିବେ । ଆଜିର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ନିମାପଡ଼ା ଓ ଗୋପ ବ୍ଲକ୍‌ର ୧୯୦ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ବ୍

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୦୪ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଦହପାଣିଆ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୩/୦୭ (ଆ.ପ୍ର) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତିତିଡି ସ୍ଥିତ ଦହପାଣିଆ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ, ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବ୍ରଜକିଶୋର ଦାସ ମଂଚ ସଂଚାଳନା କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରାବେ ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଅଂଶୁମାନ ଦ୍ୱିବେଦୀ, ତିତିଡି ବ୍ଲକ ସମ୍ପୃକ୍ତ ସାରକ୍ଷ ଅଧିକାରିଣୀ, ଔମ୍ବେ କୁରେରିଡା ମାଧ୍ୟମି, ସାମାଜିକ କର୍ମୀ, ଭଦ୍ରକ, ରମ ଚନ୍ଦ୍ର ନାୟକ, ପ୍ରତିପକ୍ଷ ପ୍ରତିପକ୍ଷ ଅଧ୍ୟାବକ୍ତା, ବନ୍ଦିଖିଣ୍ଡା ବିଶ୍ୱାଳ, ତଥା ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୌନ ଉତ୍ପୀଡ଼ନ ସୁରକ୍ଷା ଆଇନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା ଏବଂ ଏସସି ଏବଂ ଏସଟିଙ୍କ ନିମନ୍ତେ ଥିବା ଯୋଜନା ଆଇନ ଉପରେ ପିଲାମାନଙ୍କୁ ସଚେତନ କରାଇବା । ଏହି ପରିପ୍ରେକ୍ଷିତରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଆନୁଷ୍ଠାନିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସହିତ ପରିଚିତ କରାଏ ଏବଂ ଏକ ସ୍ୱଚ୍ଛ ଅଭିଯୋଗ ପ୍ରଣାଳୀ ପ୍ରତିଷ୍ଠା କରେ, ଯାହା ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଦେବା ସହିତ ସମସ୍ତ ଆଇନଗତ ଆବଶ୍ୟକତାକୁ ପୂରଣ କରିଥାଏ । ଆଜିକାଲି ଛାତ୍ରଛାତ୍ରୀମାନେ ମୋବାଇଲର ସଦୁପଯୋଗ ଠାରୁ ଦୁରୁପଯୋଗ ବହୁତ କରୁଛନ୍ତି, ଉପସ୍ଥିତ ଅତିଥି ଗଣ ପିଲାମାନଙ୍କୁ କହିଥିଲେ ଯେ, ସମାଜରେ ଭଲ ମଣିଷ ହେବା ପାଇଁ ହେଲେ ମୋବାଇଲରୁ ଭଲ ଶିକ୍ଷା ଗ୍ରହଣ କରନ୍ତୁ । ପରିଶେଷରେ ବନ ମହୋତ୍ସବ ସମ୍ପନ୍ନ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ପ୍ରଧାନ ଶିକ୍ଷକ ଦାସ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ନାଟ୍ୟ ଧାରାରେ ନାଟକ 'ବାଘ' ମଂଚସ୍ଥ

ବ୍ରହ୍ମପୁର, ୦୩/୦୭ (ଆ.ପ୍ର) : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟ ଧାରା କାର୍ଯ୍ୟକ୍ରମର ଦ୍ୱିତୀୟ ସପ୍ତାହରେ କଳା ଓ କଳାକାର, ବ୍ରହ୍ମପୁର ନାଟ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ 'ବାଘ' ମଂଚସ୍ଥ ହୋଇଯାଇଛି ଯାହାର ରଚନା କରିଛନ୍ତି ଲିଙ୍ଗରାଜ ନାୟକ ଏବଂ ନିର୍ଦ୍ଦେଶନା ଦେଇଥିଲେ ନାଟ୍ୟ ମୁଦାପ ମଦନ ମିଶ୍ର ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଚିନ୍ମୟ ମହାପାତ୍ର । କେଉଁ ଆବାହମାନ କାଳରୁ କିଛି ମୁଷ୍ଟିମେୟ ଆତ୍ମଗର୍ବି ଏବଂ ଅହଙ୍କାରୀ ଲୋକ ସାଧାରଣ ଜନ ମାନସକୁ ବିଭିନ୍ନ ଆକରେ ଭୟ ଦେଖାଇ ସମ୍ମାନକୁ ଶୋଷଣ ଏବଂ ଲୁଣ୍ଠନ କରିଆସୁଛନ୍ତି । ସାଧାରଣ ଗରିବ ମଜି ମୁଷ୍ଟିଅଟିଏ ଉଚିବିର ଚଢ଼ ତଳେ ଚାପି ହୋଇ ଚାହାର ସର୍ବସ୍ୱ ସେହି ଧନୀ ଚାଉଡ଼ର ମାନଙ୍କ ହାତରେ ସମର୍ପି ଦୁଃଖ କଷ୍ଟରେ କାଳାତିପାତ କରି ଆସୁଅଛି । କିନ୍ତୁ ଏହାକି ସତ୍ୟ ଯେ ଯୁଗେ ଯୁଗେ ଅଧର୍ମର ଶେଷ ମଧ୍ୟ ହୋଇଅଛି । ଏହିପରି କିଛି କଥାବସ୍ତୁ ଉପରେ ଅଧାଧିକ ନାଟକ ବାଘ । ତିନୀ ଚାରିଟୀ ଦୃଶ୍ୟ ଉପରେ ସଦବନ ଅତ୍ୟାଚାର ଘଟଣାଗୁଡ଼ିକୁ ପାରମ୍ପରିକ ଲୋକ ନାଟକ 'ନାଚ' ଜରିଆରେ ନିଆଯାଇ ଶ୍ରେଣୀରେ ପରିବେଷିତ ହୋଇ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ଆଜିର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥି ରାବେ ଯୋଗ ଦେଇଥିଲେ ନାଟ୍ୟକାର ଲିଙ୍ଗରାଜ ନାୟକ ଏବଂ ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ନାଟ୍ୟକାର ତତ୍ତ୍ୱର ମାୟା ଦାସ । ନାଟକର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଂଘର ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଡକାୟତି ଯୋଜନାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କଲା ବଣାଇଁ ପୋଲିସ

ବଣାଇ, ୦୩/୦୭ (ଆ.ପ୍ର) : ବଣାଇ ଥାନା, ଗାରଡାକେଲା ପୋଲିସ ଜିଲ୍ଲା ମାମଲା ନଂ୧୨୫/୨୦୨୬ ତାରିଖ ସଜାକ ପ୍ରାୟ ୫:୩୦ ମିନିଟ୍ ସମୟରେ ବଣାଇ ଥାନାର ଉପ-ନିରୀକ୍ଷକ ଆଦିତ୍ୟ ନାରାୟଣ ବେହେରା ଏକ ଲିଖିତ ଏତଲା ଦାଖଲ କରିଥିଲେ । ସେ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ବିଶ୍ୱସନୀୟ ସୂଚନା ପାଇଥିଲେ ଯେ ବଣାଇଁ ଥାନା ଅନ୍ତର୍ଗତ ରାତି ପଡ଼ିଆ ନିକଟରେ କିଛି ବ୍ୟକ୍ତି ଏକତ୍ରିତ ହୋଇ ଡକାୟତି କରିବା ପାଇଁ ପ୍ରସ୍ତୁତି ଚଳାଇଥିଲେ । ସୂଚନା ପାଇବା ପରେ ପୋଲିସ ଦ୍ରୁତଗତି ଘଟଣାସ୍ଥଳରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଜଣେ ପ୍ରାପ୍ତବୟସ୍କ ଅଭିଯୁକ୍ତଙ୍କୁ ଏବଂ ଜଣେ ଆଇନ ସହ ବିବାଦରେ ଥିବା ଶିଶୁ (Child in Conflict with Law -CCL)କୁ ଜବତ କରାଯାଇଥିଲା । ଅନ୍ୟ କିଛି ସନ୍ଦିଗ୍ଧ ବ୍ୟକ୍ତି ପୋଲିସକୁ ଦେଖି ଘଟଣାସ୍ଥଳରୁ ପେଚାର ହୋଇଯାଇଥିଲେ । ଚଢ଼ାଉ ସମୟରେ ପୋଲିସ ନିମ୍ନଲିଖିତ ସାମଗ୍ରୀ ଜବତ କରିଥିଲା । ଗୋଟିଏ ଧାଉଁଆ ଛୁରୀ, ଗୋଟିଏ ଲୁଚା ଖଞ୍ଜା, ଗୋଟିଏ ଲୁଚା ଲୋହାର, ଗୋଟିଏ ଫାଗେଟ୍ ଲଙ୍କା ଗୁଣ୍ଡ, ଗୋଟିଏ କଳା ରଙ୍ଗର ମୁହଁ ଢାଙ୍କିବା ମାସ୍କ, ଗୋଟିଏ ବଜାଜ ପଲ୍ସର ମୋଟରସାଇକେଲ (ରେଜିଷ୍ଟ୍ରେସନ୍ ନଂ ଓଡ଼ି -୧୪-ଇ-୦୫୯୫)ଏହା ସହିତ ଅଭିଯୁକ୍ତମାନଙ୍କ ନିକଟରୁ ଏକି କପର ପାଇପ୍, ସୋଲାର ଚାର୍ଜର, ବିଦ୍ୟୁତ ତାର, ନଟ୍-ବୋଲ୍ଟ ମଧ୍ୟ ଜବତ କରାଯାଇଥିଲା । ପୋଲିସର କହିବା ଅନୁଯାୟୀ, ଏହି ସାମଗ୍ରୀଗୁଡ଼ିକ ବଣାଇ ଥାନା ମାମଲା ନଂ-୧୬୯/୨୦୨୬, ୧୭୩/୨୦୨୬ ଏବଂ ୧୭୪/୨୦୨୬ ସହ ସମ୍ପୃକ୍ତ ଚୋରି ଘଟଣାର ସାମଗ୍ରୀ ବୋଲି ସନ୍ଦେହ କରାଯାଉଛି । ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଜାଜିପା ମୁଣ୍ଡା (୨୫ ବର୍ଷ), ପିତା-ସ୍ୱର୍ଗତ ପଙ୍କଜ ମୁଣ୍ଡା, ସିଂହ ଟୋଲା, ବଣାଇ, ଜିଲ୍ଲା-ସୁନ୍ଦରଗଡ଼, ବାପକ ମୁଣ୍ଡା (୧୯ ବର୍ଷ), ପିତା-ପୂର୍ଣ୍ଣଚନ୍ଦ୍ର ମୁଣ୍ଡା, ଅରବିନ୍ଦ ସ୍କୁଲ ନିକଟ, ବଣାଇ, ଜିଲ୍ଲା-ସୁନ୍ଦରଗଡ଼ । ପୋଲିସ ମାମଲା ରୁଜୁ କରି ଜବତ ସାମଗ୍ରୀକୁ ନିଜ ହେପାଜତକୁ ନେଇଛି । ଫେରାର ଥିବା ଅନ୍ୟ ସନ୍ଦିଗ୍ଧ ମାନଙ୍କୁ ଧରିବା ଏବଂ ଘଟଣାରେ ସେମାନଙ୍କ ସମ୍ପୃକ୍ତତା ସମ୍ବନ୍ଧରେ ତଦନ୍ତ ଜାରି ରହିଛି । ଅନ୍ୟ ପକ୍ଷରେ ଉପଲବ୍ଧ ବିବରଣୀ ପୋଲିସ ପକ୍ଷରୁ ଦାଖଲ କରାଯାଇଥିବା ମାମଲା ଆଧାରିତ । ଆଇନ ଅନୁଯାୟୀ, ଅଦାଲତ ଦୋଷୀ ସାବ୍ୟସ୍ତ ନହେବାରୁ ପର୍ଯ୍ୟନ୍ତ ପ୍ରତ୍ୟେକ ଅଭିଯୁକ୍ତ ନିର୍ଦ୍ଦୋଷ ବୋଲି ଗଣ୍ୟ ହେବେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ବିଜେପି ମଣ୍ଡଳ ଯୁବମୋର୍ଚ୍ଚା ସଭାପତିଙ୍କୁ ଶୁଭେଚ୍ଛା ଜଣାଇଲେ ନେତୃତ୍ୱ

ହାତତିଡି, ୦୩/୦୭ (ଆ.ପ୍ର) : ହାତତିଡି ବ୍ଲକ୍ ଗରିଗୋଟି ମଣ୍ଡଳ ପାଇଁ ବିଜେପି ଯୁବମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା ହୋଇଛି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରୁଦ୍ର ପ୍ରସାଦ ବେହେରା ଏହା ଘୋଷଣା କରିଛନ୍ତି । ହାତତିଡି ମଣ୍ଡଳ ପାଇଁ ସଭାପତି ଭାବେ ରୁଦ୍ର ପ୍ରସାଦ ଜେନା, ଜଂଗୋ ମଣ୍ଡଳର ଶାନ୍ତନୁ ଖୁଂଟିଆ, କାଲିବରେଇ ମଣ୍ଡଳର ଉଜ୍ଜ୍ୱଳ କୁମାର

ବେହେରା, ଶାଳଶିଆଁ ମଣ୍ଡଳ ପାଇଁ ଅବିନାଶ ସେନାପତିଙ୍କୁ ମନୋନୀତ କରାଯାଇଛି । ବିଜେପି ନେତା ଆଲୋକ ସେଠୀ, ସାଂସଦଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ଯୁଧିଷ୍ଠିର ମଲ୍ଲିକ, ନରମୋହନ ଶାଣିନୀ, ମିନତି ମହାପାତ୍ର, ଦୀପ୍ତି ମୟୀ ଖୁଂଟିଆ, ଦୃପ୍ତିମୟୀ ଜେନା, ସୁଶାନ୍ତ କୁମାର ଜେନା, ସୁନୀଲ ନାୟକ ପ୍ରମୁଖ ନବନିଯୁକ୍ତ ଯୁବମୋର୍ଚ୍ଚା ସଭାପତି ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଏକ ଦିବସୀୟ ତାଲିମ ପ୍ରଦାନ



ହାତତିଡି, ୦୩/୦୭ (ଆ.ପ୍ର) : ଏହି ବ୍ଲକ ଅଧିନରେ ଥିବା ବିଭିନ୍ନ ସଂଚାୟତର ଶତାଧିକ ମତ୍ସ ଚାଷି ଲାଭାମାନଙ୍କୁ ନେଇ ଏକ ଦିବସୀୟ ଜିଲ୍ଲା ସ୍ତରୀୟ ତାଲିମ ଶିବିର ଆୟୋଜନ କରାଯାଇଛି । ଏଥିରେ ଜିଲ୍ଲାର ମତ୍ସ୍ୟ ଅଧିକାରୀମାନେ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ରାବେ ବିଡ଼ିଓ ଓ ଚେରାଗ୍ରାମ ପଞ୍ଚାୟତ ସମିତି ଚେୟାରମ୍ୟାନ ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ଡେପୁଟି ଡ଼ାଇରେକ୍ଟର ଅଫ୍ ମତ୍ସ୍ୟ ସମ୍ପଦ ପ୍ରମୋଦ କୁମାର ରାଉତ ଅତିରିକ୍ତ ମତ୍ସ୍ୟ ଅଧିକାରୀ କେନ୍ଦୁଝର ବୀରେନ ନାୟକ, ଘଟଗାଁ ବ୍ଲକରୁ ଗୋପାଳ ଚନ୍ଦ୍ର ନାୟକ, ହାତତିଡି ବ୍ଲକ ରୁ ଶୁଭମ୍ କୁମାର ପ୍ରଧାନ ଉପସ୍ଥିତ ରହିଥିଲେ । ଏହି ତାଲିମ ଶିବିର ରେ ସଂଗଠନ ମାଛ, ବାଉଁଯାଠୁଳ ଯୋଜନା ମିକୁଥିବା ସହାୟତା, ମୁଖ୍ୟମନ୍ତ୍ରୀଙ୍କ ମତ୍ସ୍ୟ ପୋଖରୀ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ଏହା ଛଡ଼ା ମାଛ ଜାଆଁଳା ଚାଷ, ମାଛ ରେ ଗୋଗ, ପାଣିର ପିଏଚ କିପରି ମାପି ପାରିବେ ସୁଦ୍ଧା ତାଲିମ ଦିଆଯାଇଥିଲା । ଏହାକୁ ହାତତିଡି ବ୍ଲକ ମତ୍ସ୍ୟ ଅଫିସର୍ ଅଧିକାରୀ ସମ୍ବାଦନ କରିଥିଲେ ।

କୋର୍ଟ ପରିସରରେ ବୃକ୍ଷ ରୋପଣ

ଚନ୍ଦାବାଲି, ୦୩/୦୭ (ଆ.ପ୍ର) : ଚନ୍ଦାବାଲି ତାଲୁକ ଜିଗାଲ ଏକ କମିଟି ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚନ୍ଦାବାଲି ପ୍ରଥମ ଶ୍ରେଣୀ ବିଚାରପତି ଜଜିନ୍ ଖାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଚନ୍ଦାବାଲି ସ୍ଥିତ ନୂତନ କୋର୍ଟ ପରିସର ଚତୁର ପାର୍ଶ୍ୱରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା । ଏଥିସହ ବୃକ୍ଷ ରୋପଣର ଉପକାରିତା ସମ୍ପର୍କରେ ବୁଝେଇବା ସହ ନିଜ ଘର ଚାରି ପାଖରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରିବା ସହ ସୁସ୍ଥ ପରିବେଶ ଗଠନ ପାଇଁ ଜେଏମ ଏଫସି ଜଜିନ୍ ଖାନ ପରାମର୍ଶ ଦେଇଥିଲେ । ଏଥିସହ କୋର୍ଟ ଚତୁପାର୍ଶ୍ୱରେ ଫୁଲ ଚଢିବା ଜରି କୋର୍ଟ ର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ନିମନ୍ତେ ସମ୍ମାନ ଓକିଲ ମାନେ ନିଷ୍ପତ୍ତି ନେଇଥିଲେ । ଏହି କାର୍ଯ୍ୟକ୍ରମ ଆଇନଜୀବୀ ମହମ୍ମଦ ହୁସେନ, ଜୟଦେବ ଖମାରୀ, ରୁମେଶ୍ୱର ହଂସ, କ୍ଷେମରାଜ ବାଗ ହିରାଧର ମାଝି, ଶ୍ୟାମ ସୁନ୍ଦର ସୁନାନୀ, ରମେଶ ମିଶ୍ର, ବନ ବିଭାଗ କର୍ମଚାରୀ, କୋର୍ଟ କର୍ମଚାରୀ ନିଲୁ ପ୍ରସାଦ ଶତରଜ, ପ୍ରବୀଣ ଦାସ, ଭରତ ଦାସ, ବ୍ରହ୍ମାନନ୍ଦ ଚାଣ୍ଡି, ବୃନ୍ଦାବନ ଜାନି ପ୍ରମୁଖ ଉପସ୍ଥିତ ଥିଲେ ।

ମଣାଶିକୁ ନାହିଁ ରାସ୍ତା ; ଗ୍ରାମବାସୀ ହେଉଛନ୍ତି ହୀନସ୍ତା



ମେଚିଲପୁର, ୦୩/୦୭ (ଆ.ପ୍ର) : ମଣାଶିକୁ ଯିବା ପାଇଁ ରାସ୍ତା ନାହିଁ । ଜମି ଡ଼ିଡ଼ ଦେଇ ମୃତଦେହକୁ ଶ୍ମଶାନକୁ ନେବାକୁ ପଡ଼ୁଛି । ବର୍ଷାଦିନରେ କେତେ ଯେ କଷ୍ଟ ସେମାନେ ହିଁ ଜାଣି ପାରୁଥିବେ । ଏହି ଘଟଣା ଦେଖିବାକୁ ମିଳିଛି ନଡରଗାଁପୁରଜିଲ୍ଲା ପାପରାହାଣ୍ଡି ବ୍ଲକ ସାନଦାଣ୍ଡି ଗ୍ରାମରେ । ଗ୍ରାମର ପଦ୍ମନ ହରିଜନଙ୍କର ମୃତ୍ୟୁ ଘଟିଥିଲା । ଶବକୁ କୋଳେଇଲରେ ବୋହି ପରିବାର ଓ ଗ୍ରାମବାସୀ ବାହ ଜାଗି ପ୍ରାୟ ଏକ କିଲୋମିଟର ଦୂର ଶ୍ମଶାନକୁ ନେବା ସମୟରେ ଚାଷ ଜମିଡ଼ିଡ଼ ଓ ନାଳ ପାରି ହୋଇଥିଲେ । ଗ୍ରାମବାସୀଙ୍କ କହିବା ଅନୁସାରେ, ଶ୍ମଶାନକୁ ଯିବା ଲାଗି ଏହି ଜମି ଡ଼ିଡ଼ ରାସ୍ତା ହିଁ ଏକମାତ୍ର ଭରସା । ପ୍ରାୟ ଦେଢ଼ କିଲୋମିଟର ଦୂର ହେବ । ସେଥିଲାଗି ଆମେ ଜମି ମାଲିକଙ୍କ ସହ ଆଲୋଚନା କରି ତାଙ୍କର ଅନୁମତି ନେଇ ଧାନଚାଷ ସମୟରେ ତାଙ୍କର ଚାଷଜମି ଦେଇ ଏକ ନାଳ ପାର ହୋଇ ଶବ ସତ୍କାର କରିବାକୁ ଯାଉଛୁ ବୋଲି କହିଥିଲେ । ରାସ୍ତାକଡ଼ରୁ ପ୍ରାଇଭରଙ୍କ ଶବ ଉଦ୍ଧାର, ହତ୍ୟା ସନ୍ଦେହରେ ପୁଲିସ ତଦନ୍ତ ଜାରି ଏହି ସମସ୍ୟାକୁ ନେଇ ଅନେକ ଥର ଅଭିଯୋଗ କରିଥିଲେ ସୁଦ୍ଧା କେହି ବି ଶୁଣୁନଥିବା କହିଛନ୍ତି । ଏଣୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗାଁର ଶ୍ମଶାନ ଲାଗି ରାସ୍ତା ଖଣ୍ଡେ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ବନ ମହୋତ୍ସବ ପାଳିତ

ଭଦ୍ରକ, ୦୩/୦୭ (ଆ.ପ୍ର) : ଜିଲ୍ଲା ନ୍ୟାୟାଳୟ ଭଦ୍ରକର ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ, ଲଲାଟେନ୍ଦୁ ଜେନାଙ୍କ ପୌରହିତ୍ୟରେ କ୍ଷେତ୍ରବାସି ଉଚ୍ଚବିଦ୍ୟାଳୟ, ଚୁନିଗା ପରିସରରେ ବନ ମହୋତ୍ସବ ସମ୍ପନ୍ନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନିଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଜିଲ୍ଲା ନ୍ୟାୟାଳୟ ଭଦ୍ରକର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରଭାତ କୁମାର ରାଜଗୁରୁ, ବିଚାରପତି ପରିବାର ଅଦାଲତ ଅରବିନ୍ଦ ରଥ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-ତଥା- ସ୍ୱତନ୍ତ୍ର ବିଚାରପତି (ପୋକସୋ) ବିକାଶ ଚନ୍ଦ୍ର ଦେ, ଅଗ୍ରାୟୀ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ (ଏସ୍‌ଟିଏସ୍‌ସି) ମିନତି କୁମାରୀ ପଣ୍ଡା, ସ୍ମାରୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା), ଭଦ୍ରକ ଅଧ୍ୟକ୍ଷ ବିଜୟ କୁମାର ପାତ୍ର, ତଥା ସମସ୍ତ ବିଚାରପତି ବୃନ୍ଦ, ବନବିଭାଗ ଅଧିକାରୀ, ଅରୁଣ କୁମାର ବିଶ୍ୱାଳଙ୍କ ସମେତ ବନ୍ୟ ପ୍ରାଣୀ ବିଭାଗର କର୍ମୀ ଗଣ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଭଦ୍ରକ ଅଂଶୁମାନ ଦ୍ୱିବେଦୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲାମ ଚରଣ ପରିଡା, ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ, ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଦିନକୁ ଦିନ ତାପ ମାତ୍ରା ବୃଦ୍ଧି ପାଉଥିବାରୁ ଜନଜୀବନରେ ଅନିୟମିତତା ଦେଖାଯାଉଛି ତେଣୁ ତାପମାତ୍ରାକୁ ହ୍ରାସ କରିବା ନିମିତ୍ତ ବହୁଳ ପରିମାଣରେ ବୃକ୍ଷ ରୋପଣ କରାଯିବା ଉଚିତ । ଛାତ୍ରଛାତ୍ରୀ ମାନଙ୍କୁ ବାର୍ତ୍ତା ଯେ 'ଆଜି ଗୋଟିଏ ଗଛ ଲଗାଇବା, କାଲିକୁ ହଜାରେ ହସ ସାଲତିବା' ତେଣୁ ଗଛଟିଏ ଲଗାଇ ପୃଥିବୀକୁ ସବୁଜ ଓ ସୁସ୍ଥ ରଖିବା ପାଇଁ ପ୍ରୟାସ ଜାରି ରଖିବା । ଏହି ବନ ମହୋତ୍ସବ ଜରିଆରେ ଲୋକମାନଙ୍କ ମଧ୍ୟରେ ବୃକ୍ଷ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ବିଶ୍ୱର ରକ୍ଷଣ ରୋଜିବା ଏବଂ ପ୍ରଦୂଷଣ ହ୍ରାସ କରିବାର ସର୍ବୋତମ ଉପାୟ ମଧ୍ୟରୁ ଗୋଟିଏ ଭାବରେ ବୃକ୍ଷ ରୋପଣ ଏବଂ ଏହାର ଯତ୍ନର ଆବଶ୍ୟକତା ରହିଛି ।

ଏସଆଇଆର ପ୍ରଶିକ୍ଷଣ ଶିବିରରେ ଯୋଗଦେଲେ ବିଜେପି ରାଜ୍ୟ ସଂଯୋଜକ ଧିରେନ ସେନାପତି

ବଣାଇ, ୦୩/୦୭ (ଆ.ପ୍ର) : ବଣାଇ ଉପଖଣ୍ଡ ସ୍ତରୀୟ ଗାଳାମୁଣ୍ଡା ବିଜେପି କାର୍ଯ୍ୟାଳୟ ସଭାଗୃହ ଠାରେ ବଣାଇ ନିର୍ବାଚନ ମଣ୍ଡଳୀର ୨ୟ ପର୍ଯ୍ୟାୟ ପ୍ରଶିକ୍ଷଣ

ସେଇଠୋ ଆରମ୍ଭ
SEITHO ARAMBHA
ଶନିବାର, ୦୪ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିବେଦନ କ୍ରମେ ଆନ୍ଦଲନ ପ୍ରତ୍ୟାହୃତ କଲା ରାଜ୍ୟ ଡାକ୍ତର ସଂଘ ଓମ୍ବା

ବାଲେଶ୍ୱର, ୦୩/୦୭ (ଆ.ପ୍ର) : ଗତ ଦୁଇ ଦିନ ଧରି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡାକ୍ତର ମାନେ କାର୍ଯ୍ୟବାହ ଆନ୍ଦୋଳନ କରୁଥିଲେ । ଆଜି ବାଲେଶ୍ୱର ପହଂଚିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ପ୍ରସଙ୍ଗରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଥିଲେ । ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଧାରଣାରେ ବସିଥିବା ଶତାଧିକ ଡାକ୍ତରଙ୍କ ନିକଟକୁ ଯାଇ, ଓମ୍ବା ସଭାପତି, ସାଧାରଣ ସମ୍ପାଦକ ଏବଂ ଅନ୍ୟାନ୍ୟ ଡାକ୍ତରମାନଙ୍କ ସହ ବିସ୍ତୃତ ଆଲୋଚନା କରି ସେମାନଙ୍କ ଦାବି ସମ୍ପର୍କରେ ମନ୍ତ୍ରୀଙ୍କୁ ସିଧାସଳଖ ଅବଗତ କରାଇଥିଲେ, ଏବଂ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ । ଏହା ପରେ ମନ୍ତ୍ରୀ ସଜାରାମୁଙ୍କ ମନୋଭାବ ପ୍ରଦର୍ଶନ କରି ସମସ୍ତ ଦାବି ଉପରେ ଆଲୋଚନା ଓ ବିଚାର କରିବାକୁ ଆଶ୍ୱାସ୍ତାକାଳି ୪ଜୁଲାଇ ଦିନ ୧୧.୩୦ ସମୟ ଧାର୍ଯ୍ୟ କରି ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଲୋଚନା ପାଇଁ ଓମ୍ବା ସଂଘର ଅଧିକାରୀଙ୍କୁ ଅବଗତ କରାଇଥିଲେ । ତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ସଚିବ ମଧ୍ୟ ଏକ ପତ୍ର ମାଧ୍ୟମରେ ଓମସାର କର୍ମକର୍ତାମାନଙ୍କୁ ସେମାନଙ୍କ ଦାବିଗୁଡ଼ିକ ଉପରେ ଆଲୋଚନା କରାଯିବ ବୋଲି ଅବଗତ କରାଇଥିଲେ । ଧାରଣା ସ୍ଥଳକୁ ରେମୁଣାର ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ମାନାସ ଦତ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ବଡ଼ ପ୍ରଧାନ ଏବଂ ଅନ୍ୟାନ୍ୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଡାକ୍ତର ମାନଙ୍କୁ ଧାରଣା ପ୍ରତ୍ୟାହାର କରି ନିଜ ନିଜ କାର୍ଯ୍ୟରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ ସାଂସଦ ଶ୍ରୀ ଷଡ଼ଙ୍ଗୀ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଆଶ୍ୱାସନ ଓ ପତ୍ରକୁ ସମ୍ମାନ କରାଇ ଡାକ୍ତରବନ୍ଧୁମାନେ ଧାରଣା ପ୍ରତ୍ୟାହାର କରି ପୁନର୍ବାର ସେବାରେ ଯୋଗଦେବାଥିଲେ, ଏହି ସକାରାତ୍ମକ ପଦକ୍ଷେପ ପାଇଁ ଶ୍ରୀ ଷଡ଼ଙ୍ଗୀ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ, ଓମସାର କର୍ମକର୍ତା ଓ ସମସ୍ତ ଡାକ୍ତରବନ୍ଧୁଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ । ରୋଗୀ ସେବା ଆମ ସମସ୍ତଙ୍କର ସର୍ବୋଚ୍ଚ ପ୍ରାଥମିକତା । ଉଚ୍ଚତାତ୍ତ୍ୱିକ ବ୍ୟବସ୍ଥାରେ ଦାବି ଉପସ୍ଥାପନ ଏବଂ ଆନ୍ଦୋଳନ କରିବା ସମସ୍ତଙ୍କର ଅଧିକାର, କିନ୍ତୁ ସାଧାରଣ ରୋଗ ଓ ରୋଗୀମାନଙ୍କୁ ଅସୁବିଧାରେ ପକାଇ ଜୋଇସି ଆନ୍ଦୋଳନ କରିବା କଦାପି କାମ୍ୟ ନୁହେଁ । ଆଲୋଚନା ଓ ପାରସ୍ପରିକ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ ହେବା ହିଁ ଗଣତନ୍ତ୍ରର ପ୍ରକୃତ ସୌନ୍ଦର୍ଯ୍ୟ । ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲିଥିବା ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବାରୁ ମୁଁ ସମସ୍ତଙ୍କୁ ପୁନର୍ବାର ଧନ୍ୟବାଦ ଅଛେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ।

ଡାକ୍ତରଙ୍କ ଆନ୍ଦୋଳନ ପ୍ରସଙ୍ଗ : ତୃତୀୟ ଦିନରେ ବିଜେଡିର ଆଲୋଚନା

- ପ୍ରତିଶ୍ରୁତି ଦେଇ ଭଣ୍ଡାଇଛନ୍ତି ସରକାର : ସଂଘ
- 'କାର୍ଯ୍ୟ ବନ୍ଦ ତ ଦରମା ବନ୍ଦ ନିଷ୍ପତ୍ତି'କୁ ବି ବିରୋଧ

ବାଲେଶ୍ୱର, ୦୩/୦୭ (ଆ.ପ୍ର) : ବାଲେଶ୍ୱର ବଡ଼ ମେଡ଼ିକାଲର ସିନିୟରସ ଡାକ୍ତରଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି । ଦଶ ଦଫା ଦାବି ପୂରଣ ନେଇ ଓଡ଼ିଶା ମେଡ଼ିକାଲ ସର୍ଭିସେସ୍ ଆସୋସିଏସନ ପକ୍ଷରୁ ଏହି ଆନ୍ଦାଳନ ଚାଲିଛି । ଏହି ପରିପ୍ରେକ୍ଷୀରେ ବିଜେଡିର ଏକ ଟିମ୍ ଶୁକ୍ରବାର ସକାଳେ ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟିଛନ୍ତି । ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିବା ସହ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି । ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡି ସାଂସଦ ପ୍ରାର୍ଥୀମାନ ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ନୀଳଗିରି ବିଧାୟକ ସୁଲାନ୍ତ ନାୟକ ପହଂଚି ଆନ୍ଦୋଳନରତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ଦାବି ଓ ସମସ୍ୟାକୁ ବୁଝିବା ସହ ଟିମ୍ ନବୀନ ନିବାସକୁ ସମସ୍ତ ସୂଚନା ପ୍ରଦାନ କରିଥିଲା । ଦାବି ପୂରଣ ନେଇ ସରକାର ଗମ୍ଭୀର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ଜାଣି ଟିମ୍ ଏଥାକୁ ଫିରା କରିଥିଲା । ବିଜେଡି ସରକାର ସ୍ୱାସ୍ଥ୍ୟସେବା ପାଇଁ ସମସ୍ତ ସୁବିଧା ଯୋଗାଇଥିବା ସତ୍ତ୍ୱେ ଏ ସରକାର ଡାକ୍ତରଙ୍କ ସମସ୍ୟା କୁଟିବାରେ ବିଫଳ ହୋଇଥିବା କହିଥିଲେ । ଫଟସ୍ୱରୂପ ଦୁଇ ଦିନ ଧରି ରୋଗୀଙ୍କୁ ବଡ଼ ମେଡ଼ିକାଲରେ ଚିକିତ୍ସା ପରିବର୍ତ୍ତେ କେବଳ ବାଲେଶ୍ୱର ମେଡ଼ିକାଲ କଲେଜ ଓ କଟକ ସେଫର କରାଯାଉଥିବା ଜଣି ଶୋଚନୀୟ ଘଟଣାକୁ ନିନ୍ଦା କରିଥିଲେ । 'କାର୍ଯ୍ୟ ବନ୍ଦ ତ ଦରମା ବନ୍ଦ' ନେଇ ଡାକ୍ତରଙ୍କୁ ସରକାରଙ୍କ ଧମକକୁ ସଂଘ ପକ୍ଷରୁ ନିନ୍ଦା ଓ ବିରୋଧ କରାଯାଇଛି । ପରେ ସାଂସଦ ପ୍ରାର୍ଥୀନୀ ଡ. ସାମନ୍ତସିଂହାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଫୋନ ଯୋଗେ ଆଲୋଚନା କରିବା ସହ ସଂଘର ଏକ ଟିମ୍‌କୁ ଡାକି ଆଲୋଚନା କରିବାକୁ ଆହ୍ୱାନ କରିଥିବା ବେଳେ ମନ୍ତ୍ରୀ ଏହା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବିଜେଡିର ଅନ୍ୟତମ ନେତୃତ୍ୱଙ୍କ ମଧ୍ୟରେ ପୌର ଉପଧ୍ୟକ୍ଷ ଜୋଜାଶ ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, କାଜରମିଲରଙ୍କ ମଧ୍ୟରେ ମୀନା ମହାନ୍ତି, ସେକ ଆୟୁବ, ସଦିବାରାଣୀ ଦାସ, ସନ୍ଧ୍ୟାରାଣୀ ଜେନା, ରେମୁଣା ବୁକ ସଭାପତି ଅଭିମନ୍ୟୁ ବିଦା, ରମେଶ ମାଝୀ, ସେକ ଅନସର ଅଲ୍ଲୀ, ଗୀତିକ ଜୀ, ଅଶୋକ ଦାସ, ଅରୁଣ ଶତପଥି, ଭାରତ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ପ୍ରକାଶ ଆଉକି, ଦଶ ଦଫା ଦାବି ନେଇ ଓଏମଏସଏ ସଂଘ ପକ୍ଷରୁ ତିନି ଦିନ ଧରି ସାରା ରାଜ୍ୟରେ ଆନ୍ଦୋଳନ ଚାଲିଥିବା ବେଳେ ସମୁଦାୟ ୬ହଜାର ୫ଶହ ଡାକ୍ତର ଆନ୍ଦୋଳନରେ ସମ୍ପୃକ୍ତ ହୋଇଛନ୍ତି । ତେବେ ଦାବି ସମ୍ପର୍କରେ ପୂର୍ବରୁ ବାରମ୍ବାର ସରକାର ସହ ଆଲୋଚନା ଓ ପ୍ରତିଶ୍ରୁତି ମିଳିଥିବାରୁ ମଧ୍ୟ ସମ୍ପାଦାୟର ସମାଧାନ ନ ହେବାରୁ ସଂଘ ଏକକି ତୃତୀୟ ଦିନ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛି ।

ସୁଲେଖିକା ମୋନାଲିସା ପରିଡ଼ାଙ୍କୁ ପ୍ରଦାନ କରାଗଲା ସମ୍ମାନସୂଚକ 'କବି ଭୂଷଣ' ସମ୍ମାନ

ବାଲେଶ୍ୱର, ୦୩/୦୭ (ଆ.ପ୍ର) : ବିଶିଷ୍ଟ ସାହିତ୍ୟିକା ଓ ସମାଜସେବୀ ମୋନାଲିସା ପରିଡ଼ାଙ୍କୁ ସାହିତ୍ୟ ଏବଂ ସାମାଜିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆମେରିକାର ଇର୍ଟ୍ଟ ଆଲ୍ ଅଟୋନୋମସ୍ ୟୁନିଭର୍ସିଟି ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ସେହିପରି ଗ୍ଲୋବାଲ୍ ଆର୍ଥଙ୍କ ରେକର୍ଡସନ୍ କାଉନ୍ସିଲ୍ ପକ୍ଷରୁ ତାଙ୍କୁ 'କବି ଭୂଷଣ' ସମ୍ମାନରେ ମଧ୍ୟ ଭୂଷିତ କରାଯାଇଛି । ଗତ ଜୁନ୍ ୨୬ ତାରିଖରେ ନୂଆଦିଲ୍ଲୀର ଗଣଦ୍ୟୋପୁରାସ୍ଥିତ ଆନ୍ତର୍ଜାତିକ ଯୁଥ୍ ହଷ୍ଟେଲରେ ଆୟୋଜିତ ଏହି ସମ୍ମାନ ସମାରୋହ ଆନ୍ତର୍ଜାତିକ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରାକାରବାର ବିରୋଧୀ ଦିବସ ଅବସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସାହିତ୍ୟିକ, ସାମାଜସେବୀ ଏବଂ ଯୁବ ପ୍ରତିନିଧିମାନେ ଉପସ୍ଥିତ ରହି ସାମାଜିକ ସଚେତନତାର ଗାର୍ଥା ପ୍ରସାରରେ ସାମିଲ ହୋଇଥିଲେ । ଏହି ସମ୍ମାନ ପାଇଁ ମୋନାଲିସା ପରିଡ଼ା ଡଃ ସଚ୍ଚିଦାନନ୍ଦ ଶାଣ୍ଡିଲ୍ୟ, ଡଃ ପ୍ରସନ୍ନ କୁମାର ଦଳାଇ ଓ ନରୋତମ ପରିଡ଼ାଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ସେ କହିଥିଲେ, ସାହିତ୍ୟ ଓ ସମାଜସେବାର ପରିବର୍ତ୍ତନକାରୀ ଶକ୍ତି ଉପରେ ଯେଉଁମାନଙ୍କର ବିଶ୍ୱାସ ରହିଛି, ସେମାନଙ୍କୁ ସେ ଏହି ସମ୍ମାନ ଉତ୍ସର୍ଗ କରୁଛନ୍ତି । ଏହି ସ୍ୱୀକୃତି ତାଙ୍କୁ ସମାଜସେବାରେ ଅଧିକ ନିଷ୍ଠା ଓ ଉତ୍ସାହ ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ । ଜଣେ ପ୍ରତିଷ୍ଠିତ ସାହିତ୍ୟିକା ଓ ସମାଜକର୍ମୀ ଭାବେ ମୋନାଲିସା ପରିଡ଼ା ସାହିତ୍ୟକୁ ସାମାଜିକ ସଚେତନତା ଏବଂ ସମୁଦାୟର ବିକାଶର ଏକ ପ୍ରଭାବଶାଳୀ ମାଧ୍ୟମରେ ପରିଣତ କରିଆସିଛନ୍ତି । ତାଙ୍କର ସାହିତ୍ୟିକ ସାଧନା ସହିତ ତୃଣମୂଳ ସ୍ତରର ସାମାଜିକ କାର୍ଯ୍ୟକୁ ସ୍ୱୀକୃତି ଦେଇ ଏହି ଦୁଇଟି ସମ୍ମାନ ପ୍ରଦାନ କରାଯାଇଛି । ତାଙ୍କୁ ବିଜିନ୍ନ ମହଲରୁ ଏଥିପାଇଁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

ନୀଳଗିରି ଥାନା ପକ୍ଷରୁ ନିଶା ମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୦୩/୦୭ (ଆ.ପ୍ର) : ରାଜ୍ୟସରକାର ସମଗ୍ରରାଜ୍ୟରେ ନିଶା ମୁକ୍ତ କରିବାପାଇଁ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' କାର୍ଯ୍ୟକ୍ରମ ଓଡ଼ିଶା ପୋଲିସ ପକ୍ଷରୁ ସମସ୍ତ ଥାନାରେ ଆୟୋଜନ କରାଯାଉଛି । ଏହି କ୍ରମରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ନୀଳଗିରି ଏସ୍‌ଡିପିଓ ତଥା ବାଲେଶ୍ୱର ଆଡିସନାଲ ଏସ୍‌ପି ପ୍ରମୋଦ କୁମାର ମଲ୍ଲିକ ଏବଂ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ଅଧ୍ୟକ୍ଷତାରେ ନୀଳଗିରି ଥାନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୀଳଗିରି ଥାନାର କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ନିଶାମୁକ୍ତ ଓଡ଼ିଶା ଗଠନରେ ନିଜକୁ ସମର୍ପିତ କରିବାକୁ ଶପଥ ନେଇଥିଲେ । ପରେ ଏସ୍‌ଡିପିଓ ପ୍ରମୋଦ ମଲ୍ଲିକ ଆଗାମୀ ଦିନରେ ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଉପସ୍ଥିତ ଲୋକଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ ।

ସ୍ୱର୍ଗତ ଚିତରଞ୍ଜନ ଚୌଧୁରୀଙ୍କ ପରିବାରଙ୍କୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା

ନୀଳଗିରି, ୦୩/୦୭ (ଆ.ପ୍ର) : ଗତ ଜୁଲାଇ ୧ ତାରିଖ ବୁଧବାର ନୀଳଗିରି ଅଂଚଳର ବରିଷ୍ଠ ରାଜନେତା ତଥା ଆ.ଇ.ନ.ଟି.ଟି. ଚିତରଞ୍ଜନ ଚୌଧୁରୀଙ୍କ ପରଲୋକ ହୋଇଯାଇଛି । ଜଣେ ରାଜନେତା ସହିତ ସରକାରୀ ଓକିଲଭାବେ ନୀଳଗିରି ସମେତ ବାଲେଶ୍ୱର ଜିଲ୍ଲାରେ ଦେଶ୍ୱ ଫୁପରିଚିତ ସ୍ୱର୍ଗତ ଚୌଧୁରୀଙ୍କ ସ୍ମୃତିରେ ନୀଳଗିରି ଓକିଲସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା । ଏଥିରେ ସଂଘର ସଭାପତି ମିହିର ରାଉତଙ୍କ ସଭାପତିତ୍ୱରେ ସମସ୍ତ ଆଇନଜୀବୀ ଉପସ୍ଥିତରହି ସ୍ୱର୍ଗତ ଚୌଧୁରୀଙ୍କ ଉଦ୍ଦେଶ୍ୟରେ ୨ ମିନିଟର ନୀରବ ପ୍ରାର୍ଥନା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ୱର୍ଗତ ଚୌଧୁରୀ ଉକ୍ତ ସଂଘର ସକ୍ରିୟସଦସ୍ୟ ଥିବାରୁ ତାଙ୍କ ଆଦର୍ଶମାନଙ୍କରେ ଆଜି ସଂଘର ସଭାପତି ମିହିର କୁମାର ରାଉତ, ସମ୍ପାଦକ ଶୁଭେନ୍ଦୁ କୁମାର ବିଶ୍ୱାଳ ଏବଂ ବରିଷ୍ଠ ଆଇନଜୀବୀ ନିରାରଞ୍ଜନ ପରିଡ଼ା ସ୍ୱର୍ଗତ ଚୌଧୁରୀଙ୍କ ନରଣପୁର ସ୍ଥିତ ବାସଭବନରେ ପହଂଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହିତ ସଂଘ ତରଫରୁ ତାଙ୍କର ବିଧବାପତ୍ନୀ ସୁକାନ୍ତି ଚୌଧୁରୀଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

ବାଲି ବୋଝଇ ଟ୍ରାକ୍ଟର ସହ ଜଣେ ଗିରଫ

ଦଣ୍ଡପଲ୍ଲୀ, ୦୩/୦୭ (ଆ.ପ୍ର) : ବାଣିଗୋଛା ଥାନା ନୂଆଗାଁ ସଂଚାୟତ ଅନ୍ତର୍ଗତ ଜାନିସାହି ଗ୍ରାମ ନିକଟସ୍ଥ ଆରଡି ରୋଡ୍‌ରେ ପୋଲିସ ପକ୍ଷରୁ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି । ଥାନା ଅଧିକାରୀ ଶିତ ପ୍ରସାଦ ଭତ୍ରଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଦିନ ଅପରାହ୍ନରେ ସବ୍-ଇନ୍‌ସପେକ୍ଟର ଜୀବନ୍ତ କୁମାର ବେହୁରା ଓ ଷ୍ଟାଫ୍ ପାଟ୍ରୋଲିଂ କରୁଥିବା ସମୟରେ ଜାୟବଣିଆ ନଦୀ ପାଖୁଁ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଯାଂଚ କରିଥିଲେ । ସେଥିରେ ବେଆଇନ ବାଲି ଚାଲାଣ ହେଉଥିବାର ଜାଣି ଜବ୍ତିକରି ଜବତ କରିବା ସହ ଟ୍ରାକ୍ଟର ଚାଳକକୁ ଅଟକ କରାଯାଇଛି । ଅଟକ ଟ୍ରାକ୍ଟର ଚାଳକଙ୍କ ଘର କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ଜାଡ଼ିକୁପା ଗ୍ରାମର ବାପିନା ନାୟକ (୨୨) ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଏହି ଘଟଣାରେ ବାଣିଗୋଛା ଥାନାରେ କେସ୍ ନମ୍ବର ୮/୨୦୨୬ ରେ ମାମଲା ରୁଜୁ ସହ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ଇନ୍ଦ୍ର ସୂତ୍ରନା ପ୍ରଦାନ କରିଛନ୍ତି ।

ପଂଚଲିଙ୍ଗେଶ୍ୱର ନୋଡାଲ ବିଦ୍ୟାଳୟରେ ୭୭ତମ ବନମହୋତ୍ସବ ପାଳନ

ନୀଳଗିରି, ୦୩/୦୭ (ଆ.ପ୍ର) : ଆଜି ସକାଳ ୮ଘଟିକା ସମୟରେ ପଂଚଲିଙ୍ଗେଶ୍ୱର ଉତ୍ତମ ଓ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ୭୭ତମ ବନମହୋତ୍ସବ ପାଳିତ ହୋଇଥିଲା । ପଂଚଲିଙ୍ଗେଶ୍ୱର ସେବନ ବନପାଳ ହୃଷୀକେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଜୁଜବିଜାର ଭାରାପ୍ରାପ୍ତ ରେଞ୍ଜଅଧିକାରୀ ଶ୍ୟୋମରଞ୍ଜନ ମାଝୀ, ଶ୍ୟାମସୁନ୍ଦରପୁର ସରପଂଚ ପୁରୁଷୋତ୍ତମ ସେଠୀ, ୨ନଂ ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ପରିବେଶବିତ୍ ମନୋରଞ୍ଜନ ଦାସ, ଶ୍ୟାମସୁନ୍ଦରପୁର ପଂଚାୟତ ସମିତିସଭ୍ୟ ରୋଜାନାଥ ମାଝୀ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଣଳିତ୍ ପରିଡ଼ା, ଉତ୍ତମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାଗୁଲତା ଚୌଧୁରୀ ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତରହି ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ଆଲୋଚନାପାତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଜଙ୍ଗଲ ଓ ପରିବେଶ ଉପରେ ପଥପ୍ରାନ୍ତ ନାଟକ ପରିବେଷଣ କରି ସଚେତନତାର ଗାର୍ଥା ଗାଂଟିଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ୧ଶହରୁ ଊର୍ଦ୍ଧ୍ୱ ଚାରାଗଛ ରୋପଣ କରାଯାଇଥିଲା । ଜାତୀୟୋଲିଆ ଫଟେଶ୍ୱର ଜୟନ୍ତ ପ୍ରଧାନ, ମନୋଜର ସିଂ, ଜୟଲକ୍ଷ୍ମି ପୂଜାଣ, ଲାରଡ଼ା ସିଂ, ଗାଜେଶ କୁମାର ବାଗିକ, ସବୁଜବାହିନୀର କର୍ମକର୍ତା ପ୍ରମୁଖ ସହଯୋଗ କରିଥିଲେ ।

ଟଙ୍କାପାଇଁ ନୀଳଗିରି ସହରରେ ପୁଅକୁ ଗୋଡାଇଲା ବାପ, ପ୍ରେମିକକୁ ଧରି ପ୍ରେମିକା ଥାନାରେ

ନୀଳଗିରି, ୦୩/୦୭ (ଆ.ପ୍ର) : ଗୁରୁବାର ଦିନ ନୀଳଗିରି ସହରରେ ଦୁଇଜଣ ପୁଅଝିଅ ଜୀବନ ବିଜନରେ ଦୌଡିଦୌଡି ଥାନାକୁ ଯାଇଥିଲେ । ପରେରେ ଜଣେ ପୁରୁଷ ଓ ଜଣେମହିଳା ସେମାନଙ୍କୁ ଗୋଡାଉ ଥିବାର ଦେଖିବାକୁ ମିଳିଥିଲା । ଏହି ଦୃଶ୍ୟଦେଖି ସ୍ଥାନୀୟ କିଛିଯୁବକ ଉଭୟ ପୁରୁଷ ଓ ମହିଳାଙ୍କୁ ଅଟକାଇଥିଲେ । ପରେ ପ୍ରେମିକପ୍ରେମିକା ଦୁଇଜଣ ନୀଳଗିରି ଥାନାରେ ପହଂଚି ପ୍ରେମିକା ଜଣକ ଅଭିଯୋଗ କରିବାରୁ ଜଣାପଡିଛି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅନ୍ତର୍ଗତ ମହିଷାପଟା ପଂଚାୟତ ଶାନବଣି ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ରନାଥ ସିଂହର ୪ଟିଝିଅ ଥିବାବେଳେ ସାନ ମଧ୍ୟ ଆରପାରିକୁ ଚାଲିଯାଇଥିଲା । ବିଚରା ୪ ଝିଅ ବେଚାରାରା ହୋଇପଡ଼ିଥିବା ବେଳେ ପୋଷାଣୁଛନ୍ତ ବେଙ୍ଗାସାହି ଗ୍ରାମର ରମାକାନ୍ତ ସ୍ୱାଇଁ ନିଜଘରେ ସେମାନଙ୍କୁ ଆଣି ରଖିଥିଲେ । ୨ଝିଅକୁ ବିବାହ କରେଇଥିବା ବେଳେ ମଝିଆଁ ଝିଅ ଓ ସାନଝିଅ ରମାକାନ୍ତ ସ୍ୱାଇଁ ନିଜଘରେ ରଖିଆସୁଛନ୍ତି । ଯେହେତୁ ରମାକାନ୍ତ ନିଜର ସାନୁ ମଧ୍ୟ ନିର୍ଯ୍ୟାତନା ଦେଉଥିବା, ସେଥିପାଇଁ ପୁଅ ହିମାଂଶୁ ନିଜପାଖରେ ଆଣି ରଖିଥିଲେ । ସୂଚନା ଅନୁଯାୟୀ ରମାକାନ୍ତ ସ୍ୱାଇଁ ନିଜ ଘରେ ଦୟମନ୍ତ୍ରୀ ସିଂ ନାମରେ ଏକ ଏଲ୍.ଆଇ.ସି ଟଙ୍କା ଏଜାଣ୍ଟଟିକୁ ଆସିଥିବାବେଳେ ଉକ୍ତ ଟଙ୍କାଖପରେ ରମାକାନ୍ତଙ୍କ ମଧ୍ୟରେ ଝଗଡ଼ା ହୋଇ

ସମ୍ପାଦକୀୟ
ଆରମ୍ଭ
SEITHO ARAMBHA
ଶନିବାର, ୦୪ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପ୍ରଚେଷ୍ଟା କରିବା ଆବଶ୍ୟକ

ସମଗ୍ର ବିଶ୍ୱରେ ଭାରତୀୟ ଲୋକ କଳା, ପରମ୍ପରା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଲୋକ କଳା, ପରମ୍ପରା ଓ ସଂସ୍କୃତି ଆମ ଜାତିର ମୂଲ୍ୟବୋଧକୁ ଗୌରବାନ୍ୱିତ କରିବା ଦିଗରେ ବିଶେଷ ସହାୟକ ହୋଇଥାଏ । ଆମ ଦେଶର ଲୋକ କଳା ମଧ୍ୟରେ ଗୋଦାନାଚ, ଲେଜା କେଜୁଣୀ ନାଚ, ବାଘିଶି ରାଣୀ ଖେଳ, ଦାସ କାଠିଆ, ପାଲା, ଖଞ୍ଜଣୀ ଭଜନ, ସଂକୀର୍ତ୍ତନ ମଣ୍ଡଳୀ ପ୍ରଭୃତି ଆମ ଏତିହ୍ୟ ଓ ସଂସ୍କୃତିର ଅଙ୍କୁରୀତ ସବୁଖି । ଏବେ ଏସବୁ ଲୋକ କଳା ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ହେବାକୁ ବସିଲାଣି । ଏହାର ପ୍ରମୁଖ କାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏହି ଲୋକ କଳାର ପ୍ରଚାର ଓ ପ୍ରସାର ଦିଗରେ ଆନ୍ତରିକତା ମନୋଭାବର ଅଭାବ ପରିଲକ୍ଷିତ ହେଉଛି । ଫଳରେ ପ୍ରାଚୀନ ଏତିହ୍ୟ ଓ ସଂସ୍କୃତିର ମଜାଳରାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରୁଥିବା ଲୋକ କଳା ଏବେ ଅବହେଳାର ଦ୍ୱାରଦେଶରେ ଦଣ୍ଡାୟମାନ ହେବା ଭଳି ପରିସ୍ଥିତି ହେଉ ଗତି କରୁଛି । ଏହି ପ୍ରାଚୀନ ଲୋକ କଳା ଭାରତୀୟ ମହାନ ସଂସ୍କୃତି ଓ ପରମ୍ପରା ଦ୍ୱାରା ଭାରତ ବର୍ଷର ଏତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ଜାଗ୍ରତ କରିବା ଦିଗରେ ବିଶେଷ ସହାୟକ ବାଧିତ୍ୱ ନିର୍ବାହ କରିବା ଏକ ମାଇଲ ଖୁଟ ସଦୃଶ ବୋଲି ପ୍ରତୀୟମାନ ହୁଏ । ଭାରତୀୟ ପ୍ରାଚୀନ ପରମ୍ପରା ଅନୁଯାୟୀ ପୁରାତନ ଉତ୍କଳ ତଥା ଅଧୁନା ଓଡିଶା ପ୍ରଦେଶର ପୁରାକାଳରେ ଲୟାଦିତ ଶବ୍ଦାଳୁ କୁଣ୍ଡଳରେ ଥିବା ଜିନିଷରେ କୁଟି ଥେଥିଲୁ ଚାରଳ ସଂଗ୍ରହ କରି ଦୈନନ୍ଦିନ ଖାଦ୍ୟ ଲାଭେ ଜୀବନ ଅତିବାହିତ କରୁଥିଲେ । ମାତ୍ର ବୈଜ୍ଞାନିକ ଯୁଗର ଚାଳଚକ୍ୟ ଜ୍ଞାନ କୌଶଳ ଯୋଗୁଁ ପ୍ରାଚୀନ ପରମ୍ପରାର ଏକ ପ୍ରାଚୀନ ଆୟୁଧ ବିଭିନ୍ନ ପରମ୍ପରା ବିଲୁପ୍ତ ହୋଇଗଲାଣି । ସେହିପରି ପ୍ରାଚୀନ କାଳରୁ ଓଡ଼ିଶା ତଥା ଭାରତର ବିଭିନ୍ନ ଗ୍ରାମାଞ୍ଚଳରେ ଯନ୍ତ୍ର ସହାୟତାରେ କୃଷି ଖେତରୁ ଜଳୀ ଓ ମୁଷ୍ଟିଶିଣ୍ଡୁରୁ ପାଣି ମହାଳା ଚାଷୀ ମାନେ ନିଜ ନିଜ ଜମିକୁ ଶସ୍ୟ ଶ୍ୟାମଳା କରି ଉତ୍ପାଦିତ ଖାଦ୍ୟ ଶସ୍ୟକୁ ପ୍ରାଚୀନ ଯୁଗରୁ ଲୋକିକା ପେଚକୁ ଖାଦ୍ୟ ଯୋଗାଣ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ତାହା ମଧ୍ୟ ସାମ୍ପ୍ରତିକ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରଭାବରେ ବିଲୁପ୍ତ ହୋଇଗଲାଣି । ସେହିପରି ଅଣ୍ଡା ଓ ଶୋଉଥିବା ପ୍ରାଚୀନ ପରମ୍ପରା ଓ ସ୍ୱତ୍ତ ଧୂଂସାଲିମୁଖୀ । ଭାରତୀୟ ସଂସ୍କୃତିର ମହାନ ପର୍ବ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ଭାବେ କାଳି କେଉଁ ଆବାହମାନ କାଳରୁ ପାଳିତ ହୋଇ ଆସୁଛି । ମାତ୍ର ଆଧୁନିକତାର ପ୍ରଭାବରେ ଚଂଦ୍ରୀ ନବବର୍ଷକୁ ଯେଉଁ ଭଳି ବଙ୍ଗରେ ଭାରତୀୟ ମାନେ ପାଶ୍ଚାତ୍ୟ ସଭ୍ୟତାର ମୋହରେ ପଡି ପାଳନ କରୁଛନ୍ତି ତାହା ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥାକୁ ବାଟବଣା କରିଦେଇଛି । ମାତ୍ର ଭାରତୀୟ ସଂସ୍କୃତି, ଏତିହ୍ୟ, ଆଧ୍ୟାତ୍ମିକ ଚିନ୍ତା ଚେତନାର ମହାନ ପରମ୍ପରା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ପାଳନ କରିବା ପାଇଁ ଆମ ବଂଶଜ ମାନଙ୍କର ବୁଝାବୋଧ କଣ ପାଇଁ ତାହା ସାମ୍ପ୍ରତିକ ବିଧ୍ୱ ବ୍ୟବସ୍ଥା ମଧ୍ୟରେ ଜନ ଜନ ହୋଇ ଦୃଶ୍ୟମାନ ହେଉଛି । ନିଜର ଏତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲି ଆମର ବଂଶଜ ମାନେ ପାଶ୍ଚାତ୍ୟ ସଭ୍ୟତାର ମାୟାରେ ବାୟା ହୋଇ ଆମ ଦେଶ ଭାରତ ବର୍ଷ ଓ ଓଡିଶା ପ୍ରଦେଶର ପ୍ରଦାନ ଏତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା କେତେଦୂର ଯୁକ୍ତି ଯୁକ୍ତ ତାହା ଆମ ଭାରତୀୟ ସଂସ୍କୃତିର ବାଟବଣା ବଂଶଜ ମାନଙ୍କୁ ପ୍ରଶ୍ନ କରାଯାଇପାରେ । ବିଶ୍ୱରେ ଭାରତୀୟ ସଂସ୍କୃତି, ଏତିହ୍ୟ ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭାରତୀୟ ସଂସ୍କୃତିର ବଂଶଜ ମାନେ ନିଜକୁ ପାଶ୍ଚାତ୍ୟ ସଭ୍ୟତାର ମୋହରୁ ନିଜକୁ ମୁକ୍ତ କରି ଜଗାରୀ ନବବର୍ଷ ପାଳନ ବଦଳରେ ଭାରତୀୟ ସଂସ୍କୃତିର ମହାନତା ବହନ କରୁଥିବା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ତଥା ଓଡିଶା ନୂଆବର୍ଷକୁ ଧାର୍ମିକ ରୀତିନୀତି ଅନୁଯାୟୀ ପାଳନ କରିବା ସହ ଭାରତୀୟ ସଂସ୍କୃତିକୁ ଗୌରବାନ୍ୱିତ କରି ଆମ ବଂଶଜ ମାନଙ୍କ ମନରେ ବୁଝିଆଣୀ ପରି ବସା ବାନ୍ଧି ଥିବା ପାଶ୍ଚାତ୍ୟ ସଭ୍ୟତାର ଛାପକୁ ବିଲୁପ୍ତ କରି ଧର୍ମ ଓ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ଦିଗରେ ଯତ୍ନବାନ ହେବାକୁ ପ୍ରୟାସ କରିବା ଜରୁରୀ ହୋଇପଡ଼ିଛି । ଭାରତୀୟ ସଂସ୍କୃତିର ମହାନ ପର୍ବ, ଲୋକ କଳା, ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବା ପାଇଁ କଳା, ସଂସ୍କୃତି ଓ ପରମ୍ପରାର ରାଜ୍ୟ ଓଡ଼ିଶା ତଥା ଭାରତ ବର୍ଷର ଭବିଷ୍ୟତ ପିଢି ମାନେ ଏବେ ଠାରୁ ସଜାଗ ନ ହେଲେ ସର୍ବ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଜନମାନସର ଚିତ୍ପଟରେଉ ଅଦୃଶ୍ୟ ହୋଇଯିବ ଏଥିରେ ଦ୍ୱିମତ ନାହିଁ । ଭାରତୀୟ ପ୍ରାଚୀନ ଲୋକନୃତ୍ୟ, ଲୋକ କଳା, ସଂସ୍କୃତି ଓ ପରମ୍ପରା ସଜାଗିତ ରକ୍ଷଣା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଯତ୍ନବାନ ହୋଇ ଏହାର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଏବେ ସମ୍ଭବି ଉତ୍ତର ମୁଖର । ଏହି ଅବକାଶରେ ସରକାର ଆମର ଲୋକକଳାକୁ ବିଶ୍ୱିନ୍ନ ଉତ୍ତର ମାନଙ୍କରେ ପ୍ରଚାର ପ୍ରସାର ପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ ।

ଓଡ଼ିଆ ଯାତ୍ରା ନାଟକ ଓ ସୁଧାକର ଦ୍ୱିବେଦୀ

॥ ହିମାଂଶୁ ଶେଖର ଆଚାର୍ଯ୍ୟ ॥

ବିଂଶ ଶତାବ୍ଦୀର ମଧ୍ୟଭାଗରେ ଯେଉଁ କେତେଜଣ ଯୋଗଜନ୍ମା ନାଟ୍ୟକାର ଜନ୍ମଗ୍ରହଣ କରି ତାଙ୍କ ନାଟକ ମାଧ୍ୟମରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ଛାଡିଯାଇଛନ୍ତି ସେମାନଙ୍କ ମଧ୍ୟରେ ଲୋକଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ହେଉଛନ୍ତି ଅନ୍ୟତମ । ଯଥାର୍ଥରେ ସେ ଥିଲେ ଜଣେ ସମାଜ ସଚେତକ ନାଟ୍ୟକାର । ତାଙ୍କ ଲେଖନୀରେ ସମାଜର ବାସ୍ତବ ପ୍ରତିଛବି ଅତି ସୁନ୍ଦର ଭାବେ ଚିତ୍ରିତ ହୋଇଥିଲା । ସବୁ ଶ୍ରେଣୀର ଦର୍ଶକ ତାଙ୍କ ରଚିତ ନାଟକ ଗୁଡିକୁ ଦେଖି ଆନନ୍ଦରେ ମଶ୍‌ଗୁଲ ହେଉଥିଲେ । ପରିମାଣ ଦୃଷ୍ଟିରୁ ଗୁଣ୍ଡି, ଗୁଣ୍ଡାମୁଲ ଦୃଷ୍ଟିରୁ ତାଙ୍କ ନାଟକ ଗୁଡିକ ମଧ୍ୟ ଗଣ୍ଡାମାନ ଥିଲା । ବିଶେଷ କରି ଓଡିଶାର ସଂସ୍କୃତି, ପରମ୍ପରା ଓ ଜନଜୀବନର କଥା ଏବଂ ବ୍ୟଥାକୁ ନେଇ ସେ ଯେଉଁ ନାଟକ ଗୁଡିକୁ ସୃଷ୍ଟି କରି ଯାଇଛନ୍ତି ତାହାର ପ୍ରକୃତ ଚିତ୍ର ଆଜିର ସମାଜରେ ଦେଖିବାକୁ ମିଳୁଛି । ମାତ୍ର ୩୨ ବର୍ଷ ବୟସରେ କୋଡିଏରୁ ଊର୍ଦ୍ଧ୍ୱ ନାଟକ ରଚନା କରି ସେ ଓଡିଆ ଯାତ୍ରା ନାଟକ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡିଯାଇଛନ୍ତି । କେବଳ ସେତିକି ନୁହେଁ ନାଟ୍ୟକାର ସହିତ ଏକାଧାରରେ ସେ ଥିଲେ ଜଣେ ଲବ୍‌ଧପ୍ରତିଷ୍ଠ, ନିର୍ଦ୍ଦେଶକ , ସଙ୍ଗୀତକାର ଓ ଅଭିନେତା । ପ୍ରକୃତରେ କହିଲେ ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଆଜି ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ତରଫରୁ ତାଙ୍କର ୪୩ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଜନ୍ମଭୂମି ଗଞ୍ଜାପୁରରେ ଥିବା ତାଙ୍କ ପୂର୍ବଭୂମିରେ ମାଲ୍ୟାର୍ପଣ କରାଯିବ ଓ ସ୍ମୃତିଚାରଣ ସଭା କରାଯିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ଜୀବନରେ ଉଲ୍ଲେଖନୀୟ ଜଣାଇବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ । ସୁଧାକର ଦ୍ୱିବେଦୀଙ୍କ ଜନ୍ମ ଜଗତସିଂହପୁର ଜିଲ୍ଲାର ଗଞ୍ଜାଳଅପୁର ବ୍ଲକ୍ ଅନ୍ତର୍ଗତ ଗଞ୍ଜାପୁର ଗ୍ରାମରେ ୧୯୫୦ ମସିହାରେ ଏପ୍ରିଲ ୨୫ ତାରିଖ । ତାଙ୍କର ପିତା ଥିଲେ ଜଳନ୍ତରୁ ଦ୍ୱିବେଦୀ ଓ ମାତା ଶ୍ରୀମତୀ ଚମ୍ପା ଦେବୀ । ଗାଁରୁ ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ ସୁଧାକର । ଝିଡା ସାହିତ୍ୟ ପ୍ରତି ଅତ୍ୟଧିକ ଆସକ୍ତି ଯୋଗୁଁ ସେ ବି.ଏ ପାଶ୍ କରିବା ସହ ଝିଡାରେ ବିଶ୍ୱାସ ଜନ୍ମାଇ ଦେଇଥିଲା । ବାଲ୍ୟାବସ୍ଥାରୁ ନାଟକ ଲେଖା ପ୍ରତି ତାଙ୍କର ଅନୁରକ୍ତି ଥିଲା । ବିଦ୍ୟାଳୟର ଶାନ୍ତ, ସୁସ୍ତ ଓ ଗମ୍ଭୀର ପରିବେଶ ଏବଂ ନିଜର ଅଦମ୍ୟ ଉତ୍ସାହ ଓ ଦୃଢ ଇଚ୍ଛାଶକ୍ତି ସୁଧାକରଙ୍କୁ ନାଟକ ଲେଖିବାକୁ ଅନୁପ୍ରାଣିତ କରିଥିଲା । ଶେଷରେ ତାଙ୍କ ଅଭିଳାଷ ପୂରଣ ହେଲା ଓ ତାଙ୍କ ରଚିତ ପ୍ରଥମ ନାଟକ 'ଗୃହଲକ୍ଷ୍ମୀ' ଆତ୍ମପ୍ରକାଶ କଳା । ତାପରେ ସେ ଅଭ ସଞ୍ଚେ ଫେରି ନାଟକ ଲେଖିବା ଆରମ୍ଭ କଳା । ବେଳକୁ ଜବରୁମାର ସାହୁ, ଗଣ୍ଡୁନାଥ ପଣ୍ଡା, ଦାର କିଶୋର ଦାସ, ଗଣ୍ଡବୋଲ ପରିଜା, ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ଆହୁରି ଅନେକ ପ୍ରତିଷ୍ଠିତ ନାଟ୍ୟକାର ଭାବେ ମାନ୍ୟତା ପାଇ ଚାଲିଥିଲେ । ମାତ୍ର ସେମାନଙ୍କ ଲେଖାରେ ମୌଳିକତା ନଥିଲା । ବଙ୍ଗଳା, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାର ନାଟକକୁ ଅନୁବାଦ କରି ସେମାନେ ନିଜର ନାଟକ ରଚନା କରୁଥିଲେ । ଠିକ୍ ସେତିକିବେଳେ ସୁଧାକର ଦ୍ୱିବେଦୀ ସବୁଦିନ ପାଦ ଦେଇ ନାଟକ ରଚନା କ୍ଷେତ୍ରରେ । ଓଡିଶାର ଜନଜୀବନ କଥାକୁ ସାଙ୍ଗିତି ଆଣି ତାହାକୁ ନାଟକର ରୂପ ଦେଲେ 'ଗୃହଲକ୍ଷ୍ମୀ' ନାଟକରେ । ପାରିପାର୍ଶ୍ୱିକ ପୃଷ୍ଠଭୂମି ଉପରେ ଆଧାରିତ ଏହି ନାଟକ ନାରୀ ଚରିତ୍ରର ସ୍ପର୍ଶ, ବ୍ୟଥା ଓ ମନମୋହକତା ଉପରେ ପର୍ଯ୍ୟବେକ୍ଷିତ ଥିଲା । ଦବିଷ୍ଟ କାହାଣୀ, ଉଚ୍ଚକୋଟୀର ସଂଳାପ ଓ ନାଟକୀୟ ଉତ୍ସୁଣ୍ଠା ଏଥିରେ ଭରି ରହିଥିଲା । ଗୃହଲକ୍ଷ୍ମୀ ନାଟକ ମଞ୍ଚସ୍ଥ କରି ସେତେବେଳର ନାମୀ ଯାତ୍ରାଦଳ ଉତ୍ତରକୂଳ ଅପେରା ରାତାରାତି ବହୁ ଚର୍ଚ୍ଚିତ ହୋଇପାରିଥିଲା । ଆଉ ଏଥି ସହିତ ସୁଧାକର ଦ୍ୱିବେଦୀ ବି ସମସାମୟିକ ନାଟ୍ୟକାରମାନଙ୍କ ସହ ସମକକ୍ଷ ହୋଇପାରିଥିଲେ । ସ୍ପଷ୍ଟ ତାର ସୃଷ୍ଟିରୁ ଦେଖି ଆମ୍ଭ ଦିଭୋର ହୁଏ । ଯୁବସୁଲଭ ମନ, ପ୍ରତିବଦ୍ଧତା ଓ ଦୃଢ ଇଚ୍ଛାଶକ୍ତି ସୁଧାକରଙ୍କୁ ଗୋଟିଏ ପରେ ଗୋଟିଏ ନାଟକ ଲେଖିବାକୁ ପ୍ରେରଣା ଯୋଗାଇଲା । ଏହାପରେ ସେ ଲେଖିବାଲିଲେ ଶଙ୍ଖୀ ଶାଙ୍ଖୀ ସିନ୍ଦୁର, ଅନ୍ଧମୁନି ଅଭିଶାପ, ପ୍ରେମ ସମାଧିରେ ବିବାହ ଦେବୀ, ଅଭିଶପ୍ତ ବମ୍ବଲ, ଶପଥ ନୁହେଁ କଳଙ୍କ, ଉଗ୍ର ଅରକ୍ଷିତ, ମହାଯତୀ ପାର୍ବତୀ ଓ ବିପୁଳୀକ ପ୍ରମୁଖ୍ୟ ପରି ଅନେକ କାଳଜୟୀ ନାଟକ । ଏସବୁ ନାଟକ ଥିଲା ସେ ସମୟର ନାଟ୍ୟ ଜଗତର ଗୋଟିଏ ଗୋଟିଏ ସମ୍ପଦ ଓ ଗୌରବ ନାଟକ । ସବୁଥିରେ ଥିଲା ଉଚ୍ଚକୋଟୀ ପଲ୍ଲୁ ଜୀବନର କଥା ଓ ମାଟି ପାଣି ପବନର ଛିଟା । ଏହି ନାଟକ ଗୁଡିକ ଜଗତସିଂହପୁରର ପୁଷ୍ପାତ୍ର ଯାତ୍ରାଦଳ ପାର୍ବତୀ, ତାରପୁର, ଦେଶୀଗାମପୁର ଓ ଉତ୍ତରକୂଳ ଦ୍ୱାରା ବହୁବାର ମଞ୍ଚସ୍ଥ ହୋଇ ଭଳ ପ୍ରଶଂସିତ ହୋଇପାରିଥିଲା । ତନ୍ମଧ୍ୟରୁ ପାର୍ବତୀ ଗଣନାଟ୍ୟ ଦ୍ୱାରା ମଞ୍ଚସ୍ଥ ନାଟକ 'ବମ୍ବଲ ଡାଲୁ' ଡାଗପୁର ଅପେରା ଦ୍ୱାରା ମଞ୍ଚସ୍ଥ 'ଉଗ୍ର ଅରକ୍ଷିତ' ବେଣୀରାମପୁର ଅପେରା ଦ୍ୱାରା ମଞ୍ଚସ୍ଥ 'ଶପଥ ନୁହେଁ କଳଙ୍କ' ଓ ଉତ୍ତରକୂଳ ଅପେରା ଦ୍ୱାରା ମଞ୍ଚସ୍ଥ 'ଗୃହଲକ୍ଷ୍ମୀ' ଓ ଅନ୍ୟାନ୍ୟ ନାଟକ ସୁଧାକର ଦ୍ୱିବେଦୀଙ୍କୁ ନାଟ୍ୟକାର ଭାବେ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥିଲା ସମଗ୍ର ଓଡିଶାରେ । ଏଗୁଡି ଜଣେ ପ୍ରତିଭାବାନ୍ତ୍ରୀ ନାଟ୍ୟକାରଙ୍କର ଜୀବନଦୀପ ନିର୍ବାପିତ ହେଲା ୧୯୮୨ ମସିହା ଜୁନ୍ ୨୦ ତାରିଖରେ । ତାଙ୍କର ଅକାଳ ବିୟୋଗରେ ଯାତ୍ରା ଜଗତର ଅପୂରଣୀୟ କ୍ଷତି ଘଟିଲା । ତାଙ୍କ ଅବର୍ତ୍ତମାନରେ ବିଭାଟ ଶୂନ୍ୟତା । ନାଟ୍ୟକାର ସୁଧାକର ଦ୍ୱିବେଦୀ ଓଡିଶା ଇତିହାସରେ ଯେଉଁ ସ୍ଥାନ ପାଇବା କଥା ତାହା ଏପର୍ଯ୍ୟନ୍ତ ପାଇ ନାହାନ୍ତି । ଏହି ନାଟ୍ୟକାରଙ୍କ ସ୍ମୃତି ପାଇଁ ସରକାରୀ ସ୍ତରରେ ସେଲଡ଼ି କିଛି ପଦକ୍ଷେପ ନିଆଯାଇନାହିଁ । କେବଳ ତାଙ୍କ ଗାଁ ରେ ଗଢାଯାଇଥିବା ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତିପରିଷଦ ତାଙ୍କ ପରିବାର ସହଯୋଗରେ ପ୍ରତିବର୍ଷ ତାଙ୍କ ଜନ୍ମ ମାତିରେ ତିଆରି ହୋଇଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ସ୍ମୃତି ଚାରଣ କରାଯାଇଥାଏ । ପ୍ରତିମୂର୍ତ୍ତି ହେଉଛି ମୂଲ୍ୟବାନ ଏକ ପ୍ରତୀକ । ପୂର୍ବସୁରୁଷଙ୍କୁ ମନେ ପକାଇବାପାଇଁ ଏହା ଏକ ମାଧ୍ୟମ । ଏହିଭଳି ଜଣେ ଯୋଗଜନ୍ମା ନାଟ୍ୟକାରଙ୍କ ସୁଯୋଗ୍ୟ ବାରାଦ ଭାବରେ ଆମର ତ'ଣ କିଛି କର୍ତ୍ତବ୍ୟ ବୋଧ ନାହିଁ । ଏମିତି ଜଣେ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅଲୋଡ଼ା ହୋଇଗଲେଣି । ତାଙ୍କୁ ରାଜ୍ୟସ୍ତରରେ ପରିଚୟ ଦେବା ଆମର ଦାୟିତ୍ୱ । ଏଦିଗରେ ଓଡିଶା ସରକାର ବିଧିବଦ୍ଧ ପଦକ୍ଷେପ ନେଇ ତାଙ୍କର କୃତି ଓ କୀର୍ତ୍ତି ରାଜ୍ୟସ୍ତରରେ ପହଞ୍ଚାଇପାରନ୍ତା । ନିକଟରେ ନାଟ୍ୟାର୍ଯ୍ୟ ବାଳକୃଷ୍ଣ ମହାନ୍ତି ଓ ବିଶିଷ୍ଟ ଓଡିଶା ଲଣ୍ଡଶିଳ୍ପୀ ପଣ୍ଡିତ ଗଙ୍ଗାଧର ପାଣିଗ୍ରହୀଙ୍କ ଜୟନ୍ତୀ ଓ ଶ୍ରୀଚୈତ୍ରଦେବ ପାଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଅନେକ ଅଭୁଲା ସୃଷ୍ଟିକୁ ସାଙ୍ଗିତି ମୂଲ୍ୟପୂଜାକୁ ସମ୍ମାନ ଦେଉଥିବା ସଂସ୍କୃତି ବିଭାଗ ଓଡିଶା, ସାହିତ୍ୟ ଏକାଡେମୀ, ଓଡିଶା ସଂଗୀତ ଏକାଡେମୀ ବିଶେଷକରି ରାଜ୍ୟ ସରକାର ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ଓ ଶ୍ରୀଚୈତ୍ରଦେବଙ୍କୁ ବିଧିବଦ୍ଧ ଭାବେ ପାଳନ କରିବାକୁ କେବେ ନିଷ୍ପତ୍ତି ନେବେ ତାହାକୁ ଜିଜ୍ଞାସାଉ ଅପେକ୍ଷା କରିଛନ୍ତି !

ସମ୍ପାଦକ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୩୩୭୨୨୧୯୪

କାଳଜୟୀ ସ୍ୱାମୀ ବିବେକାନନ୍ଦ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ସମସ୍ତେ ଜାଣନ୍ତି ସାରା ବିଶ୍ୱରେ ଭାରତୀୟ ସଂସ୍କୃତି ପ୍ରାଚୀନ ଓ ମହାନ ପ୍ରାଚୀ ଐତିହାସିକ ଯୁଗରୁ ବହୁ ମୁନି, ଋଷି, ସାଧୁ, ସନ୍ତ ଓ ସଂସ୍କାରକ ଆଦି ଏହି ଆର୍ଯ୍ୟଭୂମିରେ ଜନ୍ମ ଗ୍ରହଣ କରି ତାଙ୍କର ମହାନ କାର୍ଯ୍ୟାବଳୀ ଦ୍ୱାରା ସମଗ୍ର ମାନବ ଜାତିକୁ ବିସ୍ମୟବିମୁଗ୍ଧ କରିଦେଇଛନ୍ତି । ସେମାନଙ୍କ ମଧ୍ୟରୁ ସ୍ୱାମୀ ବିବେକାନନ୍ଦ ଅନ୍ୟତମ । ତାଙ୍କର କାର୍ଯ୍ୟାବଳୀ ଓ ଚିନ୍ତାଧାରା କେବଳ ପ୍ରାଚୀରେ ନୁହେଁ, ପାଶ୍ଚାତ୍ୟଗତ ସମେତ ସମଗ୍ର ବିଶ୍ୱକୁ ଉଦ୍‌ବୁଦ୍ଧ କରିପାରିଛି ।

ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ । ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା । ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ମନ ମାନୀଙ୍କୁ ସ୍ପଷ୍ଟ କରିଦେଇଥିଲେ । ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା । ସେ ଜାଲଜାତାର ଜେନ୍‌ରାଲ୍ ଅସେମ୍ବଲିଜ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳେ ଏକ ଘଟନା । ଇଂରେଜୀ ସାହିତ୍ୟ ଟିଚାରଙ୍କ ପ୍ରଫେସର ଡ଼ିଲିଅମ୍ ହାଷ୍ଟି ଡ଼ିଲିଅମ୍ ଓ୍ୱର୍ଡ୍‌ସୱର୍ଥଙ୍କ ଦ ଏକସେସର୍ସନ ପଢ଼ାଉଥାଆନ୍ତି । ଉକ୍ତ କବିତାରେ ଥିବା ଟ୍ରାନ୍‌ସ ଶବ୍‌ଦ ବାଦାବାଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁଲାରୁ ବିଷୟରେ ବୁଝାଇ ଦେଇଥିଲେ । ବିବେକାନନ୍ଦଙ୍କ ମନକୁ ଲଥାଟି ପାଇଥିଲେ ଯେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ । ୧୮୮୧ରେ ଗୁରୁଦେବ ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ - ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ । ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ । ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ । ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ । ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟାଧିତ୍ୱ, ତାଙ୍କୁ ଗଳ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ । ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍

ସୈତିକ ଆରମ୍ଭ
SEITHO ARAMBHA

ଶନିବାର, ୦୪ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ବିଦ୍ୟୁତ ତାର ସଂସ୍ପର୍ଶରେ ଶ୍ରମିକଙ୍କ ମୃତ୍ୟୁ, ଆର୍ଥିକ ସହାୟତା ଦାବି

ଖଣ୍ଡପଡ଼ା, ୦୩/୦୭ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଗଡିଆସାହି ପଂଚାୟତ ଅଧୀନ ପଥରଗଣ୍ଡ ଗ୍ରାମର ସୁରେଶ ନାୟକଙ୍କ ଚାରଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ପଥରଗଣ୍ଡ ଗ୍ରାମର ଶ୍ରମିକ ପ୍ରଭାତ ଖଡିଉନ୍ଦ (୪୭)ଙ୍କର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ପୂର୍ବାହ୍ନରେ ଅକାଳ ମୃତ୍ୟୁ ହୋଇଥିବା ଜଣାଯାଇଛି । ଗୃହର ଛାତ ନିର୍ମାଣ ନିମନ୍ତେ ପ୍ରଭାତ ପଟା ବାନ୍ଧେଇବା ବେଳେ ନିକଟରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହଠାତ ଅଚେତ ହୋଇ ପଡିଥିଲେ । ସେଠାରେ କାମ କରୁଥିବା ଅନ୍ୟମାନେ ହଠାତ ଏକ ବାଡି ସହାୟତାରେ ବିଦ୍ୟୁତ ତାରକୁ ବାଉଁଚେଇବାରୁ ପ୍ରଭାତ ତଳେ ଖସି ପଡିବା ସହ ସେଠାରେ ତାଙ୍କର ପଡିଥିବା ଏକ ପଥରରେ ତାଙ୍କର ମୁଣ୍ଡ ମାଡ ହେବାରୁ ଗୁରୁତରାହତ ପ୍ରବୁଦ୍ଧ ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଆହତଙ୍କୁ ପ୍ରଥମେ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମାତ୍ର ସେଠାରେ କେହି ଡାକ୍ତର ନଥିବାରୁ ପରବର୍ତ୍ତୀ ସମୟରେ ପ୍ରଭାତଙ୍କୁ ନୟାଗଡ ଜିଲ୍ଲା ମୁଖ୍ୟ ଡିଜିସାଜନାଲ୍ କୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ । ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକପ୍ରକାଶ ପାଇଥିବା ବେଳେ ମୃତ ବ୍ୟକ୍ତିଙ୍କ ପରିବାରବର୍ଗ ସଂପୂର୍ଣ୍ଣ ରୂପେ ଭାଙ୍ଗି ପଡିଛନ୍ତି । ଖବରପାଇ ଖଣ୍ଡପଡ଼ା ପୁଲିସ ଶବ ଜବତ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରିବା ସହ ଏ ସଂପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡିଛି । ମୃତ ଶ୍ରମିକଙ୍କ ପରିବାରବର୍ଗଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ନୟାଗଡ ଜିଲ୍ଲାପାଳ ଓ ଖଣ୍ଡପଡ଼ା ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ପଥରଗଣ୍ଡ ଗ୍ରାମବାସୀ ଦାବି କରିଛନ୍ତି । ସେହିପରି ଦିର୍ଘ ବର୍ଷ ଧରି ସ୍ଥାନୀୟ ଅଂଚଳରେ ଖୋଲାମେଲା ତାର ଯୋଗେ ବିଦ୍ୟୁତ ସରବରାହ ହେଉଥିବାରୁ ବିଜିନ୍ସ ସମୟରେ ଦୁର୍ଘଟଣା ଓ ଅଘଟଣ ଘଟି ଧନଜୀବନ କ୍ଷୟକ୍ଷତି ହେଉଥିବାର ନଜିର ରହିଛି । ଖୋଲାମେଲା ତାରରେ ବିଦ୍ୟୁତ ସରବରାହ ପରିବର୍ତେ କେବୁଲ ତାର ଯୋଗେ ବିଦ୍ୟୁତ ସରବରାହ ନିମନ୍ତେ ପଥରଗଣ୍ଡ ଗ୍ରାମବାସୀଙ୍କ ସମେତ ଗଡିଆସାହି ପଂଚାୟତବାସୀ ଖଣ୍ଡପଡ଼ା ଡିପିସିଡିଏଲ କର୍ତ୍ତୃପକ୍ଷଙ୍କ ଦାରସ୍ଥାନ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଘର ଶୂନ ବୋଲି ଜଣାପଡିଛି । ଜନବସତି ଅଂଚଳରେ ଯଦି କେବୁଲ ତାର ଯୋଗେ ବିଦ୍ୟୁତ ସରବରାହ ହୋଇଥାନ୍ତା ତାହେଲେ ଏଭଳି ଅଘଟଣରୁ ଏଡାଇ ଦିଆଯାଇ ପାରିଥାନ୍ତା ବୋଲି ପଥରଗଣ୍ଡ ଗ୍ରାମବାସୀ ପ୍ରକାଶ କରିଛନ୍ତି । ତେବେ ମୃତଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ରାଶି ଯୋଗାଇ ଦେବା ନିମନ୍ତେ ଚାଟା ପାଣ୍ଡାର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପଥରଗଣ୍ଡ ଗ୍ରାମବାସୀ ଦାବି କରିଛନ୍ତି । ସେହିପରି ଦିର୍ଘ ବର୍ଷ ଧରି ସ୍ଥାନୀୟ ଅଂଚଳରେ ଖୋଲାମେଲା ତାର ଯୋଗେ ବିଦ୍ୟୁତ ସରବରାହ ହେଉଥିବାରୁ ବିଜିନ୍ସ ସମୟରେ ଦୁର୍ଘଟଣା ଓ ଅଘଟଣ ଘଟି ଧନଜୀବନ କ୍ଷୟକ୍ଷତି ହେଉଥିବାର ନଜିର ରହିଛି । ଖୋଲାମେଲା ତାରରେ ବିଦ୍ୟୁତ ସରବରାହ ପରିବର୍ତେ କେବୁଲ ତାର ଯୋଗେ ବିଦ୍ୟୁତ ସରବରାହ ନିମନ୍ତେ ପଥରଗଣ୍ଡ ଗ୍ରାମବାସୀଙ୍କ ସମେତ ଗଡିଆସାହି ପଂଚାୟତବାସୀ ଖଣ୍ଡପଡ଼ା ଡିପିସିଡିଏଲ କର୍ତ୍ତୃପକ୍ଷଙ୍କ ଦାରସ୍ଥାନ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଘର ଶୂନ ବୋଲି ଜଣାପଡିଛି । ଜନବସତି ଅଂଚଳରେ ଯଦି କେବୁଲ ତାର ଯୋଗେ ବିଦ୍ୟୁତ ସରବରାହ ହୋଇଥାନ୍ତା ତାହେଲେ ଏଭଳି ଅଘଟଣରୁ ଏଡାଇ ଦିଆଯାଇ ପାରିଥାନ୍ତା ବୋଲି ପଥରଗଣ୍ଡ ଗ୍ରାମବାସୀ ପ୍ରକାଶ କରିଛନ୍ତି । ତେବେ ମୃତଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ରାଶି ଯୋଗାଇ ଦେବା ନିମନ୍ତେ ଚାଟା ପାଣ୍ଡାର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପଥରଗଣ୍ଡ ଗ୍ରାମବାସୀ ଦାବି କରିଛନ୍ତି ।

ଆଇପିଏଲ୍ ଫାଉଣ୍ଡେସନ୍ ଏବଂ ସିୟୁଟିଏମ୍‌ର ମିଳିତ ଗ୍ରାମୀଣ ସମ୍ପ୍ରସାରଣ ଅଭିଯାନ
ଗଜପତି ଜିଲ୍ଲାରେ ୭୫ ଜଣ 'ଅମୃତ ଇଂଟର୍ନ' ନିୟୋଜିତ

ପାରଳାଖେମୁଣ୍ଡି, ୦୩/୦୭ (ଆ.ପ୍ର) : ଘେଂଟୁଲିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଂଟ ଏବଂ ନୂଆଦିଲ୍ଲୀସ୍ଥ ଆଇପିଏଲ୍ ଫାଉଣ୍ଡେସନ୍ ସହଯୋଗରେ ଆଜି ବିଶ୍ୱବିଦ୍ୟାଳୟ ପରିସର ଅତିଥୋରିୟମଠାରେ 'ଆଇପିଏଲ୍-ଅମୃତ ଇଂଟର୍ନସିପ୍ ପ୍ରୋଗ୍ରାମ୍ ୨୦୨୬'ର ପ୍ରଥମ ବ୍ୟାଚ୍‌ର ଲଦ୍‌ଘାଟନୀ ତଥା ଓରିଏଂଟେସନ୍ କାର୍ଯ୍ୟକ୍ରମ ସଂପନ୍ନତାର ସହ ଆୟୋଜିତ ହୋଇଯାଇଛି । ଏହି ଦୂରଦୃଷ୍ଟିସମ୍ପନ୍ନ ଅଭିଯାନ ଅଧୀନରେ, ବି.ଏସସି. (ଅନର୍ସ) କୃଷି ଏବଂ ବି.ଏଫ୍.ଏସସି. (ମତ୍ସ୍ୟ ବିଜ୍ଞାନ)ର ୭୫ ଜଣ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ଗଜପତି ଜିଲ୍ଲାର ବିଭିନ୍ନ ଗ୍ରାମରେ ୩ ମାସିଆ ଗ୍ରାମୀଣ ପ୍ରସାର କାର୍ଯ୍ୟ ପାଇଁ ଚୟନ କରାଯାଇଛି । ଉତ୍ତରାଞ୍চଳ ଜଗନ୍ନାଥଙ୍କ ସମ୍ପୃକ୍ତରେ ପ୍ରବୀଣ ପ୍ରବୁଦ୍ଧଜନ ଏବଂ ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କୃଷି ଓ ଆନୁଷଙ୍ଗିକ ବିଜ୍ଞାନ ବିଭାଗର ଡିନ୍ (ପ୍ରଶାସନ) ଡ ଏସପି ନନ୍ଦ ମଂଚାସୀନ ଓ ଅନ୍ୟାନ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସିୟୁଟିଏମ୍‌ର ମେନ୍ଟୋର୍ ଅଫିସର ଡ. ଆଶୀର୍ବଚନ ମହାପାତ୍ର କାର୍ଯ୍ୟକ୍ରମର ଏକ ବିସ୍ତୃତ ରୂପରେଖ ପ୍ରଦାନ କରି କହିଥିଲେ ଯେ ପ୍ରତ୍ୟେକ ଇଂଟର୍ନ ୧୦୦ଟି ଗ୍ରାମୀଣ ପରିବାର ସହ ଯୋଡ଼ିହୋଇ ଜିଲ୍ଲାର ୭,୫୦୦ ଚାଷୀ ପରିବାରକୁ ସଠିକ୍ ତଥ୍ୟ ସଂଗ୍ରହ ଏବଂ ପ୍ରଯୁକ୍ତି ବିଦ୍ୟା ବିଷୟରେ ସଚେତନ କରାଇବେ । ମୁଖ୍ୟ ଅତିଥି ଭାବେ ଆଇପିଏଲ୍ ଫାଉଣ୍ଡେସନର ବରିଷ୍ଠ ପ୍ରୋଗ୍ରାମ ଅଫିସର ଡ. ରାଜୀବ ରଞ୍ଜନ ବେନା, ଆଇଏଏସ୍ (ଅବସରପ୍ରାପ୍ତ) ଯୋଗଦେଇ ଚାଷୀମାନଙ୍କର ସ୍ଥିତି ଏବଂ ସେମାନଙ୍କର ଅର୍ଥନୈତିକ ବ୍ୟବସ୍ଥା ବିଷୟରେ ବୁଝାଇ ଛାତ୍ରଛାତ୍ରୀମାନଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଏମ୍ ପ୍ରକାଶ ରାଓ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ କୃଷି ପରିବେଶ ଏବଂ ବିଭିନ୍ନ ସରକାରୀ ଯୋଜନା ବିଷୟରେ ସବିଶେଷ ସୂଚନା ଦେଇଥିଲେ । ବିଶ୍ୱବିଦ୍ୟାଳୟ ର ମାନ୍ୟବର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଏବଂ କୁଳସଚିବ ପ୍ରଫେସର ଅନିତା ପାତ୍ର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନରେ ଏହି କ୍ଷେତ୍ର ପରିଦର୍ଶନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ଏହି ସୁଯୋଗ ଦେଇଥିବାରୁ ଆଇପିଏଲ୍ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ନନ୍ଦିନୀ ରାୟ (ମେଂଟର, ଆଇପିଏଲ୍ ଫାଉଣ୍ଡେସନ୍), ଡ. ସୁବୋ ମିଶ୍ର ପଣ୍ଡା (ନିର୍ଦ୍ଦେଶକ-ଗବେଷଣା , ସିୟୁଟିଏମ୍), ଡ. ଗିରୀଶ କୁମାର ମହାନ୍ତି (ସହଯୋଗୀ ଡିନ୍-ଏକ୍ସଟେନସନ), ଡ. ଦୁର୍ଗା ପ୍ରସାଦ ପାତ୍ରୀ (ନିର୍ଦ୍ଦେଶକ-ପ୍ରଶାସନ), ଡ. ଜେ. ସର୍ଜନ ରାଓ (ନିର୍ଦ୍ଦେଶକ-କୃଷି ଓ ଆନୁଷଙ୍ଗିକ ବିଦ୍ୟାଳୟ) , ଡ. ସାଗର ମୈତ୍ର (ଡିନ୍, କୃଷି ବିଦ୍ୟାଳୟ) , ଡ. ସମ୍ବିତ ସ୍ୱାଇଁ (ସହଯୋଗୀ ଡିନ୍, ମତ୍ସ୍ୟ ବିଜ୍ଞାନ ବିଦ୍ୟାଳୟ), ଡ. ଅଶୋକ କୁମାର (ରେଡି ପ୍ରୋଗ୍ରାମ ସଂଯୋଜକ), ବିଶ୍ୱା କନ୍ନନ (ପ୍ରୋଗ୍ରାମ ମ୍ୟାନେଜର, ଆଇପିଏଲ୍ ଫାଉଣ୍ଡେସନ୍) ଏବଂ ହ୍ରିତିକ ରଞ୍ଜନ ସିଂ (କୃଷି ବିଜ୍ଞାନୀ, ଆଇପିଏଲ୍ ଫାଉଣ୍ଡେସନ୍) ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରକଳ୍ପ ସଂଯୋଜକ ଡ. ପିଏନ୍ ହର୍ଷ ବର୍ଦ୍ଧନ, ଡ. ବିଶାଲ୍ କୁମାର ଗୁପ୍ତା, ବିଶ୍ୱଜିତ ସାହୁ ଏବଂ ଟିନୁଆ ନନ୍ଦଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମଟି ଭୂମି ସ୍ତରରେ ସମ୍ପନ୍ନତାର ସହ ପରିଚାଳିତ ହୋଇଥିଲା । ଉପସ୍ଥାପନା ସାହୁ କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ । ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଇଂଟର୍ନମାନେ କ୍ଷେତ୍ର ସର୍ବେକ୍ଷଣର ନିୟମାବଳୀ ସମ୍ପର୍କରେ ସ୍ପଷ୍ଟ ହେବା ପାଇଁ ଆଇପିଏଲ୍ ଫାଉଣ୍ଡେସନର ଜାତୀୟ ବୈଜ୍ଞାନିକ ପ୍ରତିନିଧି ଏବଂ ଡ. ଅଶୋକ କୁମାର ଓ ଡ ପି ଏନ୍ ହର୍ଷ ବର୍ଦ୍ଧନଙ୍କ ସହ ବିଧାନକ୍ଷେତ୍ର ଆଲୋଚନା ଲାଭିଥିଲେ । ଶେଷରେ ବିଶ୍ୱଜିତ ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଣିମୁଣ୍ଡାରେ ମହାପ୍ରଭୁଙ୍କ ଆଗମନ:
ପ୍ରଥମ ରଥଯାତ୍ରାକୁ ନେଇ ବଢୁଛି ଶ୍ରଦ୍ଧାଳୁଙ୍କ ଉତ୍ସାହ

ସିନାପାଲି, ୦୩/୦୭ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ରାଣିମୁଣ୍ଡା ପଂଚାୟତର ରାଣିମୁଣ୍ଡା କଳାଲ ପଡ଼ିଆରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଆୟୋଜିତ ହେବ । ଏହି ଐତିହାସିକ ଆୟୋଜନକୁ ନେଇ କେବଳ ରାଣିମୁଣ୍ଡା ନୁହେଁ, ସମସ୍ତ ଅଂଚଳରେ ଲୋକମାନଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି । ବହୁଦିନର ସ୍ୱପ୍ନକୁ ସାକାର କରିବା ପାଇଁ ଗ୍ରାମବାସୀମାନେ ଏକାଠି ହୋଇ ଏହି ମହାଧାର୍ମିକ ଆୟୋଜନକୁ ସଫଳ କରିବାରେ ନିୟୋଜିତ ହୋଇଛନ୍ତି । ବର୍ତ୍ତମାନ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି । ଅଭିଜ୍ଞ ରଥ କାରିଗର ନୀଳକାଣ୍ଠ ତତ୍ତ୍ୱାବଧାନରେ ପାରମ୍ପରିକ ନୀତିନିୟମ ଅନୁଯାୟୀ ରଥ ପ୍ରସ୍ତୁତ କରାଯାଇଛି । ରଥର ପ୍ରତ୍ୟେକ କାର୍ଯ୍ୟରେ ଗ୍ରାମବାସୀଙ୍କ ଶ୍ରମ, ନିଷ୍ଠା ଓ ଭକ୍ତିଭାବ ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି । ସେହିପରି ରଥଯାତ୍ରା ପାଇଁ ଆବଶ୍ୟକ ଅନ୍ୟାନ୍ୟ ପ୍ରସ୍ତୁତି ମଧ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ପୁରୀରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଚତୁର୍ଦ୍ଧା ମୂର୍ତ୍ତି ଗତ ୨୧ ଜୁନରେ ରାଣିମୁଣ୍ଡାରେ ପହଂଚି ସାରିଛି । ସେବେଠାରୁ ଗ୍ରାମରେ ନିୟମିତ ପୂଜାର୍ଚ୍ଚନା ଓ ଭକ୍ତିମୟ ପରିବେଶ ଜାରି ରହିଛି । ପ୍ରଥମ ରଥଯାତ୍ରାକୁ ଝଟକ ଓ ସ୍ମରଣୀୟ କରିବା ପାଇଁ ଗ୍ରାମବାସୀମାନେ ଦିନରାତି ପରିଶ୍ରମ କରୁଛନ୍ତି । ଏହି ରଥଯାତ୍ରାକୁ ଦେଖିବା ପାଇଁ ଲିଟିସର୍ଟି, ବଦନାପାଣି, ଅଲାଲଟା, ଭୋଇପଡ଼ା, କେଳଡ଼ିସର, ଧରଣୀମାଳ, ମାଣିଆରୁଠା, ମରେଶ୍ୱର ସମେତ ଆଖପାଖର ବହୁ ଗ୍ରାମରୁ ଶ୍ରଦ୍ଧାଳୁମାନଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି । ଏହା ପୂର୍ବରୁ ଏହି ଅଂଚଳର ଅଧିକାଂଶ ଲୋକ ଟିମକିପୁରର ରଥଯାତ୍ରାରେ ଯୋଗ ଦେଉଥିଲେ । କିନ୍ତୁ ଏବେ ରାଣିମୁଣ୍ଡାରେ ମଧ୍ୟ ରଥଯାତ୍ରା ଆୟୋଜନ ହେଉଥିବାରୁ ଏଠାରେ ମଧ୍ୟ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ ବୋଲି ଆଶା ରହିଛି । ରାଣିମୁଣ୍ଡା ଗ୍ରାମବାସୀମାନ ପକ୍ଷରୁ ଅଂଚଳବାସୀଙ୍କୁ ଏହି ପବିତ୍ର ରଥଯାତ୍ରାରେ ସାମିଲ ହୋଇ ମହାପ୍ରଭୁଙ୍କ ଦର୍ଶନ ଲାଭ କରିବାକୁ ଆହ୍ୱାନ ଜଣାଯାଇଛି । ଆୟୋଜକମାନଙ୍କ କହିବାକୁସାରେ, ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଏହି ମହାପର୍ବ ରାଣିମୁଣ୍ଡାର ଧାର୍ମିକ ଓ ସାଂସ୍କୃତିକ ପରିବେଶକୁ ନୂଆ ଦିଗ ଦେବ । ସମସ୍ତଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣରେ ଏହି ରଥଯାତ୍ରା ରାଣିମୁଣ୍ଡା ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଭାବେ ସ୍ଥାନ ପାଇବ ବୋଲି ଆଶା ପ୍ରକାଶ ପାଇଛି ।

ସଦର ଥାନା ପକ୍ଷରୁ ଚୋରା ବାଲି ଚାଲାଣ ଉପରେ ବ୍ୟାପକ ଚଢ଼ଉ ୨ ଟ୍ରାକ୍ଟର ଜବତ

ଯାଜପୁର, ୦୩/୦୭ (ଆ.ପ୍ର) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ କଡା ଆଭିମୁଖ୍ୟ ପରେ ଯାଜପୁର ସଦର ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ହେବେ ବାଲି ମାଫିଆ ଏହାକୁ ଭ୍ରୂକ୍ଷେପ ନକରି ଦିନ ରାତି ଏକ କରି ବେଧଡକ ଭାବେ ଚୋରା ବାଲି କାରବାର କରୁଥିବା ଦେଖିବାକୁ ମିଳୁଛି । ସଦର ଥାନା ପୋଲିସ ପକ୍ଷରୁ ବିଜିନ୍ସ ସ୍ଥାନରେ ଚଢଉ କରି ବେଆଇନ୍ ବାଲି ଚୋରା ଚାଲାଣ ରୋକିବା ନିମନ୍ତେ ତତ୍ପରତା ପ୍ରକାଶ ପାଇଛି । ଗତ ତା ୦୧/୦୭/୨୦୨୬ ରିଖ ମଧ୍ୟ ରାତ୍ରରେ ପାଟ୍ରୋଲିଂ କରୁଥିବା ସମୟରେ ସଦର ଥାନା ପୋଲିସ ବୁଢା ଘାଟ ନିକଟରୁ ୨ ଗୋଟି ବେଆଇନ୍ ବାଲି ବୋଝେଇ ଟ୍ରାକଟର ଜବତ କରି କେଶ୍ ନମ୍ବର୍ ୨୩୦/ ୨୦୨୬ ରେ ମାମଲା ରୁଜୁ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ । କାଲି ମାଫିଆ ମାନେ ଚତୁରତାର ସହ ଚୋରା ବାଲିରେ ବ୍ୟାବହୃତ ହେଉଥିବା ଟ୍ରାକ୍ଟର ଗାଡ଼ିର ନମ୍ବର୍ ପ୍ଲେଟ୍ ଜାତି ଦେଉଛନ୍ତି । ସମଗ୍ର ଯାଜପୁର ଜିଲ୍ଲାରେ ବାଲିଅବୈଧ ଚାଳାଣ ୯୦ ଲାଖ ଟ୍ରାକ୍ଟର ଗାଡ଼ିର ନମ୍ବର୍ ପ୍ଲେଟ୍ ନଥିବା ଦେଖିବାକୁ ମିଳୁଛି । ହେଲେ ଏଥିପ୍ରତି ପରିବହନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇବା ଦେଖେ ଜିଲ୍ଲା ପୋଲିସ ପ୍ରଶାସନ କଳି ଅଛଣା ଜଳି ଅଣିନ୍ୟ କରୁଛି । ପ୍ରତ୍ୟେକ ଦିନ ଜିଲ୍ଲାରୁ ଶହ ଶହ ଟ୍ରିପ୍ ଦେଇଆଳ ଘାଟରୁ ବଳପୂର୍ବକ ବାଲି ଚାଲାଣ ହୋଇଥାଉ ଚୋରା ଚାଲାଣ କରୁଥିବାଦେଖେ ଜେତେ ଜେମିତି ଗୋଟିଏ ଦୁଇଟି ଗାଡ଼ି ଧରି ଖାଣି ବିଭାଗ ଓ ପୋଲିସ ନିଜକୁ ବାହା ବାହା ବୋଲାଉଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଖାମ ଖିଆଲି ଭାବେ ନେଉଥିବା ଦେଖିବାକୁ ମିଳୁଛି ।

ନବୀନ ନିବାସରେ ନବୀନ ପଟନାୟକଙ୍କୁ ଭେଟିଲେ ବିଧାୟକ ପ୍ରଶାନ୍ତ ବେହେରା

ଟାଙ୍ଗୀଚୌଦ୍ୱାର, ୦୩/୦୭ (ଆ.ପ୍ର) : ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ବିଜେଡି ଦଳ ବ୍ଲକ ସଭାପତି ଧୀରେନ୍ଦ୍ର ଜେଠାଙ୍କ ସହ ନବୀନ ନିବାସରେ ଶତାଧିକ ଦଳୀୟ ନେତା ଓ କର୍ମୀମାନେ ନବୀନ ପଟ୍ଟନାୟକଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି । ନବୀନ ବାବୁ ଜଣେ ଦକ୍ଷ, ସଚ୍ଚୋଟ ଓ ଅଭିଜ୍ଞ ରାଜନୀତିଜ୍ଞ ଭାବେ ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାର ବିକାଶ ଓ ଜନସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି । ସେ ବିଜେଡି ଦଳର ଦୃଢ଼ମୂଳ ସ୍ତରରେ ସାଙ୍ଗଠନିକ ଶକ୍ତି ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟର ଜନଜୀବନ ଉନ୍ନୟନମୂଳକ କାର୍ଯ୍ୟକୁ ଆହୁରି ଗତିଶୀଳ କରିବେ ବୋଲି ପ୍ରକାଶ କରିଛନ୍ତି । ସେହିପରି ବିଧାୟକ ପ୍ରଶାନ୍ତ ବେହେରା ମଧ୍ୟ ଦଳୀୟ ନେତୃତ୍ୱଦ୍ୱାରା ଆନ୍ତରିକତା ପାଇଁ କୃତଜ୍ଞତା ପ୍ରକାଶ କରିବା ସହ ଆଗାମୀ ଦିନରେ ଜଣେ ନିଷ୍ଠାବାନ କର୍ମୀ ଭାବେ ସାଧାରଣ ଲୋକଙ୍କ ସେବା ପାଇଁ ନିଜକୁ ସମର୍ପିତ କରିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସୁବୋଧ ସାମଲ, ରାଜେଶ ରଞ୍ଜନ ଷଡ଼ଙ୍ଗୀ,ଚିତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ସଂଗଠନ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ସୋଫିଆ ବିବି, ଶ୍ରୀମନ୍ତ କେଳା, ନିବାସ ପାଣ୍ଡା, ତାପସ ସାହୁ, ଆଶିଷ ରଞ୍ଜନ ଷଡ଼ଙ୍ଗୀ,ନରେନ୍ଦ୍ର କୁମାର ରାଉତରାୟ, ଜନ୍ମେଜୟ ଖୁଣ୍ଟିଆ,ନକୁଳ ସାମଲ, ଅଶୋକ ବାଜ, ଗୋବିନ୍ଦଚନ୍ଦ୍ର ଦାସ, ପ୍ରମୋଦ ମହାପାତ୍ର ଲଲାଟେନ୍ଦୁ ଦାସ, ମନୋଜ କୁମାର ବାଲିକ, ଦୀପ୍ତି ରଞ୍ଜନ ବେହେରା, ହିମାଂଶୁ ପାଉଲ, ମିଳୀ ଅଲି ବେଗ ଙ୍କ ସମେତ ବହୁ ଟିକୁ ଜନତା ଦଳର ପ୍ରମୁଖ କର୍ମୀମାନେ ଉପସ୍ଥିତ ଥିଲେ ।

ସରସରା ବଲାଙ୍ଗ ଫଟଙ୍ଗା ନାଳ ପୋଲ ଗାତରେ ପଡି ଛାତ୍ର ଗୁରୁତ୍ୱର

ବଣାଇଁ, ୦୩/୦୭ (ଆ.ପ୍ର) : ଆଜି ସକାଳ ୯.୪୫ ସମୟରେ ସରସରା ବଲାଙ୍ଗ ସ୍ଥିତ ଫଟଙ୍ଗା ନାଳରେ ଜଣେ ଛାତ୍ର ପଡ଼ି ଗୁରୁତ୍ୱର ହୋଇ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ହେଉଥିବା ଜଣାପଡିଛି । ସୂଚନା ଅନୁସାରେ ସରସରା

ଦୈନିକ
ଆରମ୍ଭ
SEITHO ARAMBHA

ଶନିବାର, ୦୪ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ପାଲଟପୁରରେ ପାଣି ପାଇଁ କ୍ୟାନ୍ସର ଓ କୀଡୀନି ରୋଗ ବ୍ୟାପିଛି

ଯାଜପୁର, ୦୩/୦୭ (ଆ.ପ୍ର) : ଦଶରଥପୁରର ପାଲଟପୁର ଠାରେ ପାଣି ପାଇଁ କ୍ୟାନ୍ସର ଓ କୀଡୀନି ରୋଗ ବ୍ୟାପିବା ସଚେତ୍ତା, ଧାରଣାକାରୀଙ୍କ ସହ ଜିଲ୍ଲାପାଳ ଓ ଡିଭିନ୍ସ ଅଧିକାରୀଙ୍କ ୨ ଘଣ୍ଟା ଆଲୋଚନା, ସ୍ଥାନୀୟ ଜଳ ଅଧିକାରୀଙ୍କ ଉପରେ ବାର୍ଣ୍ଣିଲେ ଜିଲ୍ଲାପାଳ, ଏକ ମାସ ମଧ୍ୟରେ ସମାଧାନ ନହେଲେ ମେଘା ଅଧିକାରୀଙ୍କୁ ଜେଲରେ ପୁରାଯିବ ଏବଂ ପାଲଟପୁର ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏକ ମାସ ମଧ୍ୟରେ ପାଲଟପୁର ସଂଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ନପାଇଲେ ଜେଲେ ପଠାଯିବ ମେଘା ଠିକା ସଂସ୍ଥା ଅଧିକାରୀଙ୍କୁ ଏବଂ ପାନୀୟ ଜଳ ବିଭାଗ ଅଧିକାରୀଙ୍କ ଉପରେ ନିଆଯିବ କାର୍ଯ୍ୟାନୁଷ୍ଠାନ । ମାସେ ପର୍ଯ୍ୟନ୍ତ ପୁନଶ୍ଚ ଟ୍ୟାଙ୍କର ମାଧ୍ୟମରେ ଲୋକେ ପିଇବେ ସ୍ୱଚ୍ଛ ପାଣି । ଆବଶ୍ୟକ ସ୍ଥଳେ ଖୋଲାଯିବ ନଳକୂପ । ଏମିତି କିଛି କହି ବାର୍ତ୍ତାକ୍ଷିପ୍ତ ଯାଜପୁର ଜିଲ୍ଲାପାଳ ଆସର କୁମାର କର । ଆଜି ଦଶରଥପୁର ବ୍ଲକ ପାଲଟପୁର ସଂଗ୍ରାମ ପାନୀୟ ଜଳ ପାଇଁ ଧାରଣାରେ ବସିଥିବା ଅନଶନକାରି ଏବଂ ଜିଲ୍ଲା ଏବଂ ବ୍ଲକ ଅଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ

ଏକ ସମୀକ୍ଷା ବୈଠକରେ ଏମିତି ବାର୍ତ୍ତାଣ୍ଡିଲେ ଜିଲ୍ଲାପାଳ । ଏହା ଛଡା ବର୍ଷ ବର୍ଷ ଧରି ଜଣ ପାଇଁ ହୋଇପାରୁନାହିଁ ପାନୀୟ ଜଳ ସମସ୍ୟାର ସମାଧାନ । ଜେଉଁଠି ରହିଛି ରୁଲ, ସମସ୍ୟା କିମ୍ବା ଘାଉଡ଼ହାନରା ସୀମ୍ପ କଥା ଚିନ୍ତନିଷ୍ଠ ଆଲୋଚନା କରିଥିଲେ ଅନଶକାରୀଙ୍କ ସହ । ପାଲଟପୁର ସଂଗ୍ରାମରର ସରପଂଚ ଲିପିକା ମଲିକ ଏବଂ ଯୁବ ନେତା ବନ୍ଧୁ ଶେଖର ସାହୁଙ୍କ ନେତୃତ୍ୱରେ ସଂଗ୍ରାମରର ୩୦ ଜଣ ପ୍ରତିନିଧି ବନ୍ଦ ଏହି ଆଲୋଚନାରେ ଭାଗ ନେଇଥିଲେ । ସଂଗ୍ରାମରର ସମସ୍ତ ଖୁର୍ଚ୍ଚର ଜଣ ଜଣ ସମସ୍ୟା ରହିଛି କିପରି ଆଲୋଚନା ସମ୍ଭାଳନ ହେବ ସମସ୍ତ କଥା ପଚାରି ବୁଝିଥିଲେ । ଗତ ୧୦ ବର୍ଷ ମଧ୍ୟରେ ପାନୀୟ ଜଳ ପାଇଁ ଏହି ସଂଗ୍ରାମବାସୀଙ୍କ ସମସ୍ୟା ଦୂର ହୋଇପାରୁନି ଏଣୁ ବିଭାଗୀୟ ଜେଇ ସ୍ପର୍ଶଳତା ରାଉତ ଏବଂ ମନୋଜ ବେହେରାଙ୍କୁ ମନ ଲଢ଼ା ଶୁଣାଇଥିଲେ ଜିଲ୍ଲାପାଳ । ଅନ୍ୟପକ୍ଷରେ ମେଘା ଠିକା ସଂସ୍ଥା ନିର୍ଦ୍ଦେଶ ପାଳନ ନକରି ମନଛଡ଼ା କାର୍ଯ୍ୟାଳୁ ବରଦାସ୍ତ ଲଗାଯିବ ନାହିଁ । ଯଦି ଏହି ମାସ ସୁଦ୍ଧା ସମସ୍ତ ରାସ୍ତା ଶେଷ ନହୁଏ ତେବେ ମେଘା ସଂସ୍ଥା ଠିକାଦାରଙ୍କ ନାମରେ ପୂର୍ବରୁ ମାମଲା ରୁଜୁ ଲଗାଯାଇଥିଲା, ଏହା ପରେ ଜେଲ ଯିବାକୁ ପ୍ରସ୍ତୁତି ରୁହ ବୋଲି ଶୁଣାଇଦେଇଥିଲେ ଜିଲ୍ଲାମୁଖ୍ୟ ଜମଶ ଜିଲ୍ଲ, ଦଶରଥପୁର ବ୍ଲକ ଦାୟିତ୍ୱରେ ଥିବା ପ୍ରାଦନ ଦାସ ଚେତାବନୀ ଦେଇଥିଲେ । ଏଣୁ ଅନଶନ ନକରି ଧର୍ଯ୍ୟ ରଖନ୍ତୁ ସମସ୍ତେ ସ୍ୱଚ୍ଛ ପାଣି ନିଶ୍ଚୟ ପାଇବେ । ଟ୍ୟାପ ଦ୍ୱାରା ହେଉ କିମ୍ବା ନଳକୂପ ଦ୍ୱାରା ହେଉ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲପାଳ ତାପସ ରଞ୍ଜନ ଦେବୁଜା, ବିଡ଼ିଓ ଆଳାଶ ପଟ୍ଟନାୟକ, ପାନୀୟ ଜଳ ଏସି ରୋପ୍ୟ ରଞ୍ଜନ ସାହୁ, ଏସଡିପିଓ ପ୍ରଶାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଂଚ ଲିପିକା ମଲିକ, ବନ୍ଧୁ ଶେଖର ସାହୁ, ବେବେହ ବେହେରା, ଅନନ୍ତ କୁମାର ଜେନା, ଯୁବରାଜ ମଲିକ, ରାଜାଦ ମଲିକ, ସୋମ୍ୟରଞ୍ଜନ ବେହେରା, ପ୍ରମୋଦ ରାଉତ, ରମେଶ ମଲିକ, ଦୋଳ ରଞ୍ଜନ ଜେନା, କନକଲତା ମଲିକ, ବାସନ୍ତୀ ଯେନା, କବିତା ଜେନା, ବିମଳି ମଲିକ, ମୁକୁନ୍ଦା ମଲିକ, ସରୋଜିନୀ ମଲିକ, ଲଣ୍ଠିରା ଯେନାଙ୍କ ସମେତ ୩୦ ଜଣ ଏହି ଆଲୋଚନାରେ ଭାଗ ନେଇ ନିଜ ନିଜର ଗାଁ ସମସ୍ୟା ଜିଲ୍ଲାପାଳଙ୍କୁ ଜଣାଇଥିଲେ । ପ୍ରକାଶ ଥାଇକି ଗତ ୧୦ ବର୍ଷ ମଧ୍ୟରେ ସଂଗ୍ରାମରର କ୍ୟାନ୍ସର ଆଉ କୀଡୀନି ରୋଗରେ ପ୍ରାୟ ୧୫୦ ରୁ ଅଧିକ ଲୋକ ମୃତ୍ୟୁ ବରଣ କରିସାରିଥିବା ବେଳେ ବର୍ତ୍ତମାନ ୨୦ ରୁ ଅଧିକ ଲୋକ ଡିଲିସାଧିନ ଅଛନ୍ତି । ପାଣିର ମାନ ପରୀକ୍ଷା ପାଇଁ ନିର୍ଦ୍ଦେଶ ଆସିବା ପରେ ବିଭାଗ ପକ୍ଷରୁ ସଂଗ୍ରାମରରୁ ମୋଟ ୮୨୭ ନମୁନା ମଧ୍ୟରୁ ଯେଉଁଥିରେ ୬୨୯ ଟି ନଳକୂପରୁ ଲିଡ଼, କ୍ୟାଡ୍ମିୟମ, ଆର୍ସେନିକ, ମାଙ୍ଗାନିଜ, ଆଇରନ ଭଳି ବିଷାକ୍ତ ନମୁନା ରହିଛି । ଏଣୁ ଜିଲ୍ଲାପାଳ ଏ ସମ୍ପର୍କରେ ଜାଣିବା ପରେ ଏକ ସ୍ୱତନ୍ତ୍ର ବୈଠକ ଗତ ୧ ଘେଣ୍ଟାଆଗରେ ତଳାଇ ରୁରନ୍ତ ପ୍ରତି ଘରକୁ ଟ୍ୟାପ ପାଣି ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଯେ ପର୍ଯ୍ୟନ୍ତ ଟ୍ୟାପ ପାଣି ପ୍ରତି ଘରେ ପହଂଚିନାହିଁ ସେ ସେ ପର୍ଯ୍ୟନ୍ତ ଟ୍ୟାଙ୍କର ଦ୍ୱାରା ପାଣି ଦେବାକୁ କୁହାଯାଇଥିଲା । ମାତ୍ର ୨ ମାସ ହେବ ପାଇପ ଲାଇନ କାର୍ଯ୍ୟ ଛାଡି ମେଘା ସଂସ୍ଥା ପଳାଇବା ସହ ଟ୍ୟାଙ୍କର ପାଣି ବନ୍ଦ କରିଦିଆଯାଇଥିଲା । ଏଣୁ ଘାଉଡ଼ହାନ ପୁଣି ସମସ୍ତ ଅଧିକାରୀଙ୍କୁ ଅବରୁଦ୍ଧ କରିଥିଲେ ମଧ୍ୟ ସମାଧାନ ନହେବାରୁ ଗତ ୨ ଦାଉଖାରେ ଦଶରଥପୁର ବ୍ଲକ ସମ୍ମୁଖରେ ଶହ ଶହ ଲୋକେ ଧାରଣାରେ ବସିଥିଲେ । ଏଣୁ ଏ ସମ୍ପର୍କରେ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର କରାଯାଇଥିଲା । ତେବେ କେବେ ଦୂର ହେବ ପାଲଟପୁର ସଂଗ୍ରାମରବାସୀଙ୍କ ପାନୀୟ ଜଳ ସମସ୍ୟା ତାହା ଦେଖିବାକୁ ବାକି ରହିଲା ।

ସଂଜୀବନୀ ପାଥଲୋଜି ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ, ୭୦ ୟୁନିଟ ରକ୍ତ ସଂଗ୍ରହ

ଜି.ଉଦୟଗିରି, ୦୩/୦୭ (ଆ.ପ୍ର) : ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ନିତ୍ୟ ସୁନ୍ଦର ଦାସ ତଥା ସଂଜୀବନୀ ପାଥଲୋଜି ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଟାଉନହଲ ନିକଟରେ ଅନୁଷ୍ଠିତ ହୋଇଛି । ରକ୍ତ ଇଣ୍ଡାଗରେ ରକ୍ତ ଅଭାବରୁ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ରୋଗୀ ମୃତ୍ୟୁ ବରଣ କରୁଥିବା ବେଳେ କିଛି ମିଳିତ ର ସମୟ ସହ ସ୍ୱଳ୍ପ ପରିମାଣ ରକ୍ତ ବାଗ ଦ୍ୱାରା ଆଉ କାଳାର ଜୀବନ ବଂଚିବ ଓ ସେହି ପରିବାରରେ ହସ ଫୁଟାଇବା ସହ ଆପଣଙ୍କ ରକ୍ତଦାନ ଆଉ କାଳା ପାଇଁ ହେବ ଜୀବନ ଦାନ । ଏହି ବାର୍ତ୍ତା ସହ ଧର୍ମପତ୍ନୀ ସଦନମ ପ୍ରଧାନ ତଥା ନିଜ ବନ୍ଧୁମାନଙ୍କ ସହଯୋଗରେ ଯୁବ ସ୍ୱେଚ୍ଛାସେବୀ ନିତ୍ୟସୁନ୍ଦର ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିବା କହିଛନ୍ତି ।ଏହି ରକ୍ତଦାନ ଶିବିରକୁ ସ୍ଥାନୀୟ ବ୍ଲକ ଦେବତ୍ରତ ବାଗିଜଙ୍କ ତତ୍ତ୍ୱାବଧାନ ରେ ଫୁଲବାଣୀ ରକ୍ତ ଇଣ୍ଡାଗର କାର୍ଯ୍ୟାଳୟ ରୁ ଆସିଥିବା ଏଲଟି ଦାନକୃଷ୍ଣ ମହାନ୍ତ, ନର୍ସିଂ ଅଫିସର ଅର୍ଚ୍ଚନା ପ୍ରଧାନ, ରଶ୍ମିତା ନାୟକ, ସଂଯୁକ୍ତା ଦଳବାଟ ଓ ଅନ୍ୟମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ରକ୍ତ ଶିବିରରେ ମୋନାଲିସା ସାହୁ, ଯାକେଶ ପ୍ରଧାନ, ଦାପି ସାହୁ, ପ୍ରିୟା, ସୌମ୍ୟ, ଅମର, ସୂର୍ଯ୍ୟ, ସାଜିଲ ସହ ଅଂଚଳର ବହୁ ସଂଖ୍ୟକ ଯୁବକ ଯୁବତୀ, ସ୍ୱେଚ୍ଛାସେବୀ ନିଜର ବହୁମୂଲ୍ୟ ରକ୍ତ ଦାନ କରିଥିଲେ । ଏହି ଶିବିରରେ ସମୁଦାୟ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସଂଜୀବନୀ ପାଥୋଲୋଜି ତରଫରୁ ଆଜି ପର୍ଯ୍ୟନ୍ତ ୨୦ ଥର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ଆଗାମୀ ଦିନ ମାନଙ୍କରେ ଏହିପରି ଏହିପରି ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

ଜଳସେଚନ କେନାଲ ଅବରୋଧ ଅଭିଯୋଗ: କୃଷକଙ୍କ ପତ୍ର ପରେ ତପୁର ହେଲେ ପ୍ରଶାସନ

କୁକୁଡ଼ାଖଣ୍ଡି, ୦୩/୦୭ (ଆ.ପ୍ର) : କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ନିମଖଣ୍ଡି ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା କେନାଲର ଜଳ ଛାଡ଼ା ନାଳ ଦେଇ ଚାଷ ଜମିକୁ ଜଳସେଚନ ନିମନ୍ତେ ପ୍ରବାହିତ ହୋଇଥାଏ । ଏହି ଜଳକୁ କିଛି ଅସାଧୁ ଜମି ମାଫିଆ ପୁଟ କରିବା ଉଦ୍ଦେଶ୍ୟରେ ଅବରୋଧ ଦେଇ ପ୍ରାୟ ୨୦୦ ଏକର ଚାଷ ଜମି ଜଳସେଚନରୁ ବଂଚିତ ହେବା ନେଇ ବହୁ କୃଷକ କୁକୁଡ଼ାଖଣ୍ଡି ତହସିଲଦାର, ଉପ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଜଗଦଳପୁର ଗ୍ରାମର ଚାଷୀ ଅଭିଯୋଗ କହିଛନ୍ତି ଯେ, ବୁଷ୍ଟିକୁଲ୍ୟା ମେନ କେନାଲର ୮ ନମ୍ବର ଓ ୯ ନମ୍ବର କେନାଲ କୋଳିକଳ ଅଧାନରେ ପୂର୍ବରୁ ତାଙ୍କର ସମସ୍ତ ଚାଷ ଜମିକୁ ଜଳସେଚନ ହେଉଥିଲା । ମାତ୍ର କେତେକ ଜମି ମାଫିଆ ଏହି ଚାଷ ଜମିକୁ ଲାଭି ପୁଟ ବିକ୍ରି ନିମନ୍ତେ ସେଠାରେ ନୂଆ ରାସ୍ତା ନିର୍ମାଣ କରି

ଅନ୍ୟ ଜମିକୁ ଜଳସେଚନ କରିବା ନିମନ୍ତେ ବାଧା ସୃଷ୍ଟି କରୁଛନ୍ତି । କେତେ ସରକାରୀ ଜମିକୁ ମଧ୍ୟ ଅଣ୍ଟିଆର କରି ନିଜ ଲଢ଼ା ମୁତାବକ ପୁଟ ବିକ୍ରି କରି ଟାଇକା ଉପାଜନ କରୁଛନ୍ତି । ଏହା ଫଳରେ ଜଗଦଳପୁର ଗ୍ରାମବାସୀ ଜଳସେଚନରୁ ବଂଚିତ ହୋଇଛନ୍ତି । ପୂର୍ବରୁ ଜଳସେଚନ ବିଭାଗ ପକ୍କା ରାସ୍ତା ତିଆରି କରି କେନାଲ ସୁରକ୍ଷିତ କରିଥିବା ବେଳେ ଏବେ ସେହି ରାସ୍ତାକୁ ଅବରୋଧ କରି ଜମି ମାଫିଆମାନେ ରାସ୍ତା ତିଆରି କରିଥିବା ଅଭିଯୋଗରେ ହୋଇଛି । ଏହି ଅଭିଯୋଗ ପତ୍ର ନକଲ କୁକୁଡ଼ାଖଣ୍ଡି ବିଡିଓ ପରୁଦା ସ୍ୱାଇଁ, ତହସିଲଦାର ରାଜକିଶୋର ପଟ୍ଟନାୟକ ଏବଂ କୁହୁପୁର ଉପତହସିଲ୍ଦାର ଅଖିନାଶ କୁମାରଙ୍କୁ ପ୍ରେରଣ କରାଯାଇଛି । ଅଭିଯୋଗ ପାଇବା ପରେ ସମ୍ପୃକ୍ତ ଅଧିକାରୀମାନେ ତୁରନ୍ତ ତଦନ୍ତ କରି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । କୃଷି ଜମି ଆମନ ହୋଇଥିବା ବେଳେ ଜଳସେଚନ ବନ୍ଦ ହେଲେ କୃଷକମାନେ ବଡ଼ କ୍ଷତିର ସମ୍ମୁଖୀନ ହେବେ ବୋଲି ସ୍ଥାନୀୟ ଚାଷୀ ମାନେ ଆଶଙ୍କା ପ୍ରକାଶ କରି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

ଧାମନଗର ଏନ ଏ ସି ଅଫିସରୁ ଚୋରି: ଥାନାରେ ଏତଲା ପୋଲିସର ତଦନ୍ତ ଆରମ୍ଭ

ଧାମନଗର, ୦୩/୦୭ (ଆ.ପ୍ର) : ଧାମନଗର ଅଂଚଳରେ ଦିନକୁଦିନ ଚୋରି ବୃଦ୍ଧି ପାଉଥିବା ବେଳେ ଚୋର ମାନେ ପୋଲିସ ଲୁ ଖୋଲା ଖୋଲି ଚାଲେଞ୍ଜ କରୁଛନ୍ତି ଓ ଗତ ବୁଧବାର ରାତିରେ ଧାମନଗର ଏନ ଏ ସି କାର୍ଯ୍ୟାଳୟ ପରିସରରୁ ହୋଇଥିବା ଚୋରି ଘଟଣା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ର ବିଷୟ ପାଲଟିଛି । ସୂଚନା ମୁତାବକ ଅଫିସରେ ଲାଗିଥିବା ଏସି ର ସାମଗ୍ରୀ,ପାଂଚି ଅଟୋରେ ଲାଗି ରାଲୁ ଥିବା ବେତାରୀ ଏବଂ ଡିଏସଏନଏଲ ତୁଡବଣ୍ଡଖଣ୍ଡ ସଂଯୋଗ ତାର କୁ ଚୋର ମାନେ କାଟି ନେଇଥିବା ଜଣାପଡିଛି । ଏସେଇ ଧାମନଗର ଏନଏସି ନିର୍ଦ୍ଦାହୀ ଅଧିକାରୀ ସତ୍ୟେଶ କୁମାର ନାୟକ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୂଳେ ଆଇଆଇସି ଶୁଭଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ନରେନ୍ଦ୍ର ରାଉତ ସଙ୍ଗେ ସଙ୍ଗେ ଏନ ଏ ସି ଅଫିସରେ ପହଁଚି ସିସିଟିଭି ଯାଂଚ କରି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଥାନା କେସ ନଂ ୨୮୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି ଯଥାଶୀଘ୍ର ଚୋରଙ୍କ ଜାରଜମା ପରଦାଫାସ ହେବ ବୋଲି ପୋଲିସ ଠାରୁ ସୂଚନା ମିଳିଛି ।

ବିଶିଷ୍ଟ ସଙ୍କୀର୍ତ୍ତନ ଗାୟକଙ୍କ ଦେହାନ୍ତ

ଦଶପଲ୍ଲା, ୦୩/୦୭ (ଆ.ପ୍ର) : ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ପଣସପାଟଣା ଗ୍ରାମର ବିଶିଷ୍ଟ ସଙ୍କୀର୍ତ୍ତନ ଗାୟକ ତଥା ପୂର୍ବତନ ଧ୍ୱାର୍ଜ ମେମ୍ବର ସୁଦର୍ଶନ ନାୟକଙ୍କର ଶୁକ୍ରବାର ଦିନ ୭୯ ବର୍ଷ ବୟସରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ଗଭୀର ଶୋକର ଛାୟା ସ୍ୱର୍ଗଦ୍ୱାରପାଠରେ ତାଙ୍କର ଜଗାଯାଇଛି । ବଡ଼ ପୁଅ ପୁଅ ରମେଶ ବହୁ ଉପସ୍ଥିତ ଥିଲେ । ଦୁଃଖ ସ୍ୱର୍ଗତ ନାୟକଙ୍କ ମୃତ୍ୟୁ

ସ୍ଥାନୀୟ ଅଂଚଳରେ ଖେଳିଯାଇଛି । ପୁରା ଶେଷ କୃତ୍ୟ ସମ୍ପନ୍ନ ଗନ୍ଧର୍ବ ନାୟକ, ସାନ ନାୟକ ଓ ତାରି ଝିଅ ଓ ପରିବାରର ବିଶିଷ୍ଟ ସମୟରେ ତାଙ୍କ ଧର୍ମପତ୍ନୀ ସୁଜାତି ନାୟକ ଭୁବନେଶ୍ୱର ଏମ୍ସ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ସ୍ଥାନୀୟ ଜନସାଧାରଣ ଓ ବିଶିଷ୍ଟ ବ୍ୟକ୍ତିମାନେ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ

ପାରକାଶେମୁଣ୍ଡି, ୦୩/୦୭ (ଆ.ପ୍ର) : ଗଜପତି ଜିଲ୍ଲା ସଂସ୍କୃତି ପରିଷଦ ସହଯୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗଳାଙ୍କ ପୌରୋହିତ୍ୟରେ ସ୍ଥାନୀୟ ମହେନ୍ଦ୍ରଗିରି (ପୋର) ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହେନ୍ଦ୍ରଗିରି (ପୋର) ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାହିତ୍ୟ ସମ୍ପର୍କିତ ବକ୍ତୃତା, କବିତା ଆବୃତି, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ଏବଂ ଲଂଗାଜାରୁ ଓଡ଼ିଆ ଅନୁବାଦ ପ୍ରତିଯୋଗିତାମାନ

ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଉପେନ୍ଦ୍ର ପ୍ରଦଗୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର , ଆଚାର୍ଯ୍ୟ ବିନୋଦ ବହୁ ଜେନା , ବିଚିତ୍ରାନନ୍ଦ ବେହେରା, ହୃଷୀକେଶ ଗୌଡ଼, ଆଶାଲତା ପାଣଗ୍ରାହୀ, ଭୃଷ୍ଣ ଜଳାଣୀ ମିଶ୍ର , ଭୃଷ୍ଣ ଚାରୁପ୍ରଭା ନାୟକ, ଶଶୀଭୂଷଣ ପଟ୍ଟନାୟକ, ଜଳପ୍ରସାଦ ସୁଆର, ପ୍ରମୋଦ ବହୁ ପଢ଼ା, ସୁଶ୍ରୀ ଶ୍ୱେତା ପଟ୍ଟନାୟକ ଓ ଶ୍ରୀମତୀ ସ୍ନିଗ୍ଧା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ କୃତୀ ଛାତ୍ରଛାତ୍ରୀ , ବିଚାରକ ମଣ୍ଡଳୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମାଟିଆପଡ଼ା ଆର୍‌ଓବି ର ସ୍ଥିତି ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ ସର୍ଭିସ୍ ରୋଡ୍ ଓ ପାରିପାଶ୍ୱର୍କ ସ୍ୱଚ୍ଛତା ଉପରେ ଗୁରୁତ୍ୱ

ପୁରୀ, ୦୩/୦୭ (ଆ.ପ୍ର) : ଚଳିତ ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ଭକ୍ତ ପୁରୀ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଗମନାଗମନକୁ ସୁଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରି ସମସ୍ତଙ୍କୁ ଏକ ସୁଖକର ଅନୁଭୂତି ଦେବା ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଏହାର ସଫଳ କାର୍ଯ୍ୟାନୁଯନ୍ତ୍ର ନିମନ୍ତେ ଆଜଳ, ପୁର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୁରୀ ସହରକୁ ପ୍ରବେଶ ଓ ପ୍ରସ୍ଥାନ କ୍ଷେତ୍ରରେ ମାଟିଆପଡ଼ା ଆର୍‌ଓବିର ପ୍ରମୁଖ ରାସ୍ତାଘାଟି ରହିଛି । ଏଣୁ ଚଳିତ ରଥଯାତ୍ରା ପୂର୍ବରୁ ମାଟିଆପଡ଼ା ଆର୍‌ଓବିର ନିର୍ମାଣ କାର୍ଯ୍ୟ ଶେଷ କରି ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବା ପାଇଁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିୟମିତ ପୁରୀ ଗସ୍ତ କରି କାର୍ଯ୍ୟର ଅଗ୍ରଗତି ଓ ଗୁଣ୍ଡିରେ ସମୀକ୍ଷା କରୁଛନ୍ତି । ଏହି କ୍ରମରେ ସଚିବ ଶ୍ରୀ ସିଂହ ମାଟିଆପଡ଼ା ଗସ୍ତ କରି ନିର୍ମାଣ ସ୍ଥଳୀ ପରିଦର୍ଶନ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ବର୍ତମାନ ସୁଦ୍ଧା ରୋ-ଷ୍ଟିଙ୍ଗ୍ ଗାର୍ଡରର ଲଂଚିଂ କାର୍ଯ୍ୟ ସମ୍ପନ୍ନତାର ସହ ସଂପୂର୍ଣ୍ଣ ହୋଇଥିବାବେଳେ ରୋ-ଷ୍ଟିଙ୍ଗ୍ ଗାର୍ଡର ଉପରେ ଢେଲ୍ ସ୍ମୁ

ଦୈନିକ
ଆରମ୍ଭ
SEITHO ARAMBHA

ଶନିବାର, ୦୪ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଖୁଂଟଗାଁ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକଙ୍କ ଅବସର ଗ୍ରହଣ

ବଣାଇଁ,୦୩/୦୭ (ଆ.ପ୍ର) : ଖୁଂଟଗାଁ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ବସନ୍ତ କୁମାର ପଲେଇଙ୍କ ଇତିମଧ୍ୟରେ କାର୍ଯ୍ୟକାଳ ସମାପ୍ତ ହୋଇଯାଇଛି । ଏହି ଅବସରରେ ଖୁଂଟଗାଁ ଲ୍ୟାମ୍ପସ ତରଫରୁ ସଭାପତି ଅଜୟ ନାୟକଙ୍କ ଅଧ୍ୟକ୍ଷତାରେ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସଙ୍ଗେ ସଙ୍ଗେ ଅତିରିକ୍ତ ଦାୟିତ୍ୱ ନେଇଥିବା ମନୁଲକପଦା ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଦୁର୍ଯ୍ୟୋଧନ କିସାନଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ପଲେଇଙ୍କ ଚାକିରି ଆରମ୍ଭରୁ ଅବସର ପର୍ଯ୍ୟନ୍ତ ୩୯ବର୍ଷର କର୍ମମୟ ଜୀବନ ଉପରେ ବକ୍ତା ମାନେ ଲ୍ୟାମ୍ପସ ନିର୍ଦ୍ଦେଶକ ଅଜିମନ୍ୟୁ ମିଶ୍ର, କେଦାର ମାହାନ୍ତ ଏବଂ ବିଶିଷ୍ଟ ଅତିଥି ତଥା ପୂର୍ବତନ ନିର୍ଦ୍ଦେଶକ ସୁଗଳ କିଶୋର ମାହାନ୍ତ ତାଙ୍କ ବକ୍ତବ୍ୟ ରଖି ଭୂୟସୀ ପ୍ରଶଂସା କରିଥିଲେ । ଅନୁରୂପ ଭାବେ ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ପଲେଇଙ୍କ ମଧ୍ୟ ତାଙ୍କ ଚାକିରି କାଳର ଅତୀତର ଘଟଣାବଳିକୁ କର୍ଣ୍ଣନା କରିଥିଲେ । ଏହି ଅବସରରେ ତାଙ୍କୁ ପ୍ରଶଂସା ପତ୍ର ଦେଇ କର୍ମଚାରୀ ସଙ୍ଘାଳରେ ଭୂଷିତ କରାଯାଇଥିଲା । ସଭା ଶେଷରେ ଲ୍ୟାମ୍ପସ ନିର୍ଦ୍ଦେଶକ କେଦାର ମାହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ନୂଆ ଖାଉଟି କାର୍ଡ ପାଇଁ ବ୍ଲକ ରେ ନାହିଁ ନଥିବା ଭିଡ

ହାତତିହି, ୦୩/୦୭ (ଆ.ପ୍ର) : ଏବେ ସାରା ରାଜ୍ୟରେ ନୂଆ କାର୍ଡ ତିଆରି ହେଉଥିବାବେଳେ ଏଥିରେ ସଂଯୋଗ, ତ୍ରୁଟି ସଂଶୋଧନ, ଅଲଗା କରିବା ପାଇଁ ବ୍ଲକକୁ ଆସିଛି ସ୍ୱତନ୍ତ୍ର ଟାର୍ଗେଟ । ଯାହା ସିଧା ସଳଖ କହିବାକୁ ଗଲେ ଏବେ କୁଆ କାର୍ଡ ତିଆରି କରିବା ଆଶାରେ ଅନେକ ଦିନ ଧରି ଅପେକ୍ଷା କରୁଥିବା ଲୋକେ ପାଇବେ କାର୍ଡ । ହେଲେ ଯୋଗାଣ ବିଭାଗରେ ଲୋକଙ୍କ ନାହିଁ ନଥିବା ଭିଡ । କିଏ ଛୋଟ ଛୋଟ ପିଲାଙ୍କୁ ଧରି ଛିଡ଼ା ହୋଇଛି ତ ଆଉ କିଏ ତଳେ ବସି ନିଜ ଛୁଆକୁ କ୍ଷୀର ପାନ କରୁଛି । ଏଭଳି ସ୍ଥିତିରେ ରେ ଲୋକଙ୍କ ସରକାର କଲୁଥିବା ଜିନିଷରେ ସାଧାରଣ ଲୋକଙ୍କ ପାଇଁ ବସିବାକୁ କୌଣସି ସୁବିଧା ନଥିବାରୁ ଯିଏ ଯେଉଁଠି ପାରିଲା ବସି ରହିଲା । ସେପରେଟ ପୁରା ବ୍ଲକରେ ଦେଖିବାକୁ ଗଲେ ଅନେକ ସ୍ଥାନରେ ଚେୟାର ଟେବୁଲ୍ ଥାଉ ମଧ୍ୟ ଚାବି ପଡ଼ିରହିଛି । ଯାହାକୁ ଦେଖି ଆପଣ ବି କହିବେ ଯାହା ହେଉ ଏହା ହିଁ । ଲୋକଙ୍କ ସରକାର କଲୁଥିବା ଅଧିକାରୀ ନୀତି ଆଉ ନୈତିକତା । ଯେଉଁ ସାଧାରଣ ଲୋକଙ୍କ ପାଇଁ ସରକାର ବଦଳି ଯାଇଛି କିନ୍ତୁ ବଦଳିନି ମାନସିକତା ।

ଲୋଚାପଡ଼ା ପଂଚାୟତରେ ସୁଭଦ୍ରା ଶକ୍ତି ସମାବେଶ ଅନୁଷ୍ଠିତ

କୁରୁଡାଖଣ୍ଡି, ୦୩/୦୭ (ଆ.ପ୍ର) : କୁରୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଲୋଚାପଡ଼ା ପଂଚାୟତରେ ସୁଭଦ୍ରା ଶକ୍ତି ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହିଳା ସଶକ୍ତିକରଣ, ସ୍ୱାବଲମ୍ବନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଉଦ୍ୟୋଗକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଆୟୋଜିତ ଏହି ସମାବେଶରେ ବହୁ ସଂଖ୍ୟକ ସୁଦ୍ରା ହିତାଧିକାରୀ ମହିଳା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୁରୁଡ଼ାଖଣ୍ଡି ବ୍ଲକ ବିଡିଓ ପଲୁରୀ ସ୍ୱାଇଁ, ସରପଂଚ ମୋହନ ଦାସ, ସମିତିସଭ୍ୟ ବଣ୍ଟି ଚରଣ ସାହୁଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ସୁଭଦ୍ରା ଯୋଜନାର ମହିଳା ସଦସ୍ୟା ଉପସ୍ଥିତ ଥିଲେ । ଆୟୋଜିତ ସମାବେଶରେ ଲିଖିତ କନସେପ୍ଟରେ ମାଧ୍ୟମରେ ରାଜ୍ୟ ଖଣିଜ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସିଧାସଳଖ ମହିଳାମାନଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ମହିଳାମାନେ ସୁଭଦ୍ରା ଶକ୍ତି ଅଧୀନରେ ଚାଲିଥିବା ବିଭିନ୍ନ ଉଦ୍ୟୋଗ, ରୋଜଗାର ସୃଷ୍ଟି ଏବଂ ସ୍ୱାବଲମ୍ବନ ଦିଗରେ ସେମାନଙ୍କ ଅନୁଭୂତି ଓ ସଫଳତା ସମ୍ପର୍କରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଲୋଚାପଡ଼ା ପଂଚାୟତ ପିଇଓ ବିନୟ କୁମାର ବେହେରା ପରିଚାଳନା କରିଥିଲେ ।

ଜିଲ୍ଲା ସ୍ତରୀୟ ୭୭ତମ ବନମହୋତ୍ସବ ପାଳନ – ୨୦୨୬

ରାୟଗଡା, ୦୩/୦୭ (ଆ.ପ୍ର) : ରାୟଗଡା ବନଖଣ୍ଡ ଅନ୍ତର୍ଗତ ରାୟଗଡା ବନାଂଚଳର ଅନୁଗୁଡା ଗ୍ରାମ ନିକଟସ୍ଥ ସହଗାଂଚଳ ବନୀକରଣ ପରିସରରେ ଜିଲ୍ଲା ସ୍ତରୀୟ ୭୭ ତମ ବନମହୋତ୍ସବ ସମ୍ପନ୍ନ ପାଳନ ଉଦ୍ଦେଶ୍ୟରେ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସଲସ୍ମୀମା କାନ୍ତାକା, ମାନ୍ୟବର ବିଧାୟକ, ରାୟଗଡା ଯୋଗଦାନ କରି ନିଜ ମା'ଙ୍କ ନାମରେ ଏକ ଗଛ ଟିଏ ରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମାନ୍ୟଗଣଣ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ପ୍ରତିନିଧି ବୃନ୍ଦ, ରାୟଗଡା, ନବୀନ ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାୟଗଡା, ସୁଜିତ କୁମାର ମିଶ୍ର, ଯୋଷୀ ଉନ୍ନୟନ ଅଧିକାରୀ, ରାୟଗଡା ବ୍ଲକ, ପ୍ରିୟଦର୍ଶିନୀ ସ୍ୱାଇଁ, ତହସିଲଦାର, ରାୟଗଡା, ବୁଲବାସ କୁମାର, Executivର ଅଫିସର, ରାୟଗଡା municipality, ଧନୁଞ୍ଜୟ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାୟଗଡା, ପ୍ରଭାକର ସତାପାୟ, ଦ୍ୱିତୀୟ commandant, crpf, ସମ୍ବାଦ ରାଉତ, ଦ୍ୱିତୀୟ commandant, crpf, ସାଲିମ କୁମାର ଏସ, ଉପ commandant, crpf ସହ ଜିଲ୍ଲା ସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ତଥା MITS କଲେଜର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅନୁଗୁଡ଼ା ଗ୍ରାମର ଗ୍ରାମବାସୀ ଏବଂ ଗଣମାଧ୍ୟମର ପ୍ରତିନିଧି ବୃନ୍ଦ ଉପସ୍ଥିତ ରହି ସମସ୍ତେ ନିଜ ମା'ଙ୍କ ନାମରେ ଗୋଟିଏ ଲେଖାଏଁ ଡାଗା ଲୋପଣ କରିଥିଲେ । ପରିଶେଷରେ ସଚିନ ଆନ୍ଦ୍ର ସାହେବ ଏହୋଲ ଦନଖଣ୍ଡ ଅଧିକାରୀ ରାୟଗଡା ଉପସ୍ଥିତ ଗଣ ମାଧ୍ୟମ ପ୍ରତିନିଧିଙ୍କ ମଧ୍ୟମରେ ରାୟଗଡା ଜନସାଧାରଣଙ୍କୁ ବନ୍ଦିତ ବର୍ଷ ବନବିଭାଗର ବିଭିନ୍ନ କର୍ମଚାରୀ ଗୁଡ଼ିକରୁ ଚାରା ପିଛା ୧ ଟଙ୍କା ମୂଲ୍ୟରେ ନେଇ ନିଜ ବାଡ଼ି ବଗିଚାରେ ରୋପଣ କରି ପରିବେଶକୁ ସବୁଜ ଓ ସୁନ୍ଦର କରିବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମ ଟିକୁ ଅନିଲ କୁମାର ପାଣିଗ୍ରାହୀ ବନାଂଚଳ ଅଧିକାରୀ ରାୟଗଡା ସୂଚାରୁ ରୂପେ ପରିଚାଳନା କରିଥିଲେ ।

ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ରୋଗୀ ସେବା ବ୍ୟାହତ

ଖଣ୍ଡପଡ଼ା, ୦୩/୦୭ (ଆ.ପ୍ର) : ଗତକାଲି ଠାରୁ ଚାଲିଥିବା ଡାକ୍ତରମାନଙ୍କ ଧର୍ମଘଟ ଆଜି ଦ୍ୱିତୀୟ ଦିନରେ ପଞ୍ଚଟି ଥିବା ଜଣାପଡିଛି । ଡାକ୍ତରଙ୍କ ଧର୍ମଘଟର ପ୍ରଭାବ ଖଣ୍ଡପଡ଼ା ଅଂଚଳରେ ପରିଲକ୍ଷିତ ହୋଇଛି । ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବ୍ୟାହତ ହୋଇଥିବା ବେଳେ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଂଚିତ ହୋଇଥିବା ଜଣାପଡିଛି । ତେବେ ୧୦ ଦଫା ଦାବି ନେଇ ଖଣ୍ଡପଡ଼ା ଅଂଚଳରେ କାର୍ଯ୍ୟରତ ୧୧ ଜଣ ଡାକ୍ତର ଧର୍ମଘଟ ଆନ୍ଦୋଳନରେ ସାମିଲ ହୋଇଥିବା ଜଣାପଡିଛି । ଖଣ୍ଡପଡା ଓ ନୂଆ ଉଠିଆସାଛି ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଆଖପାଖ ଅଂଚଳରେ ଅବସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ରୋଗୀ ସେବା ଠପ୍ ହୋଇଯାଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ନ୍ୟାୟ ଦାବି ଗୁଡିକ ପୂରଣ ହେବା ପର୍ଯ୍ୟନ୍ତ ଧର୍ମଘଟ ଚାଲୁ ରହିବ ବୋଲି ଖଣ୍ଡପଡ଼ା ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିଷେକ ପଣ୍ଡାଙ୍କ ଠାରୁ ପ୍ରକାଶ । ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ବୃଷ୍ଟି ଦେବାକୁ ଦାବି ହେଉଛି ।

ବାଲ୍ୟ ବିବାହ ମୁକ୍ତ ରାୟଗଡ଼ ଜିଲ୍ଲା ଗଠନ ନିମନ୍ତେ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼, ୦୩/୦୭ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ପରିଷଦ ସଭାଳନୀ ଲକ୍ଷଠାରେ 'ବାଲ୍ୟ ବିବାହ ମୁକ୍ତ ରାୟଗଡ଼ ଜିଲ୍ଲା ଗଠନ' ଉଦ୍ଦେଶ୍ୟରେ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କ୍ଷୀରୋଦିତନୟ ସାହୁ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରାୟଗଡ଼ ଡା. କିଶୋର କୁମାର ବରେଇ, ଅତିରିକ୍ତ ନିର୍ଦ୍ଦେଶକ (ପରିବାର କଲ୍ୟାଣ); ମିନତୀ ଦେଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ; ଶ୍ରୀନିବାସ ଆଚାରୀ, ପୁଲିସ ଉପଅଧିକ୍ଷକ ଏବଂ ଶ୍ରୀ ଘଣ୍ଟିରାମ ପଣ୍ଡା, ୟୁନିସେଫ ପରାମର୍ଶଦାତା ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ଧନଞ୍ଜୟ ବେହେରା, ଅତିରିକ୍ତ ସୂଚନା ଅଧିକାରୀ; ମିନତୀ ପାତ୍ର, ଜିଲ୍ଲା ସଂଯୋଜକ, ୟୁନିସେଫଙ୍କ ସମେତ ମହିଳା ଓ ଶିଶୁ ବିକାଶ ବିଭାଗ, ଶିକ୍ଷା ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶ୍ରମ ବିଭାଗ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, କୌଶଳ ବିକାଶ ଓ ନିଯୁକ୍ତି ବିଭାଗ, ପଂଚାୟତିରାଜ ବିଭାଗ, ଜିଲ୍ଲା ସଙ୍କଳ୍ପ ଦଳ, ଖାଦ୍ୟ ଷପ୍ସ ସେଂଟର, ଶକ୍ତି ସଦନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁରକ୍ଷା ଅନୁଷ୍ଠାନ, ଆଶା ଅନୁଷ୍ଠାନ, ପିସିଆଇ ଅନୁଷ୍ଠାନ ସମେତ ବିଭିନ୍ନ ବିଭାଗ ଓ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ନିଜ ଅଭିଭାଷଣରେ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ କହିଥିଲେ ଯେ, 'ବାଲ୍ୟ ବିବାହ ମୁକ୍ତ ରାୟଗଡ଼ ଜିଲ୍ଲା' ଗଠନ କେବଳ ଗୋଟିଏ ବିଭାଗର ଦାୟିତ୍ୱ ନୁହେଁ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସମାଜର ସମସ୍ତ ବର୍ଗର ସମ୍ମିଳିତ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ଅପରିହାର୍ଯ୍ୟ । ସମସ୍ତ ବିଭାଗର ସହାୟତା ଓ ମିଳିତ ପ୍ରୟାସ ବିନା ଏହି ସ୍ୱପ୍ନକୁ ସାକାର କରିବା ସମ୍ଭବ ନୁହେଁବୋଲି ସେ ମତ ପ୍ରକାଶ କରିଥିଲେ । ଜିଲ୍ଲା ପ୍ରଶାସନ ଓ ୟୁନିସେଫର ମିଳିତ ଉଦ୍ୟମରେ ଆୟୋଜିତ ଏହି ଅଭିମୁଖୀକରଣ କାର୍ଯ୍ୟକ୍ରମରେ ୟୁନିସେଫ ପରାମର୍ଶଦାତା ଘଣ୍ଟିରାମ ପଣ୍ଡା ବାଲ୍ୟ ବିବାହ ମୁକ୍ତ ରାୟଗଡ଼ ଜିଲ୍ଲା ଗଠନ ପାଇଁ କିପରି ସମ୍ଭବ ପ୍ରୟାସ କରାଯାଇପାରିବ, ସେ ସମ୍ପର୍କରେ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କଠାରୁ ମତାମତ ଓ ପରାମର୍ଶ ସଂଗ୍ରହ କରିଥିଲେ । ନିଜ ଅଭିଭାଷଣରେ ମିନତୀ ଦେଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବାଲ୍ୟ ବିବାହ ମୁକ୍ତ ରାୟଗଡ଼ ଜିଲ୍ଲା ଗଠନ ଦିଗରେ ସମସ୍ତ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସମାଜର ସମସ୍ତ ବର୍ଗର ସକ୍ରିୟ ସହଯୋଗ କାମନା କରିଥିଲେ । ସେ କହିଥିଲେ ଯେ, ସମସ୍ତଙ୍କର ସମ୍ମିଳିତ ପ୍ରୟାସ ମାଧ୍ୟମରେ ବାଲ୍ୟ ବିବାହମୁକ୍ତ ରାୟଗଡ଼ ଗଠନର ଲକ୍ଷ୍ୟ ସଫଳ ହୋଇପାରିବ । କାର୍ଯ୍ୟକ୍ରମକୁ ଜିଲ୍ଲା ସଙ୍କଳ୍ପ ଦଳ୍ ଜିଲ୍ଲା ସଂଯୋଜକ ଦିତାଳର ପରିଚାଳନା ସଫଳତାର ସହ ସଂଚାଳନ କରିଥିଲେ । ଶେଷରେ ପ୍ରତିମା ରାଣୀ ଦାସ ଜପସ୍ତିତ ସମସ୍ତ ଅତିଥି, ବକ୍ତା ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ସମାପନ ଘୋଷଣା କରିଥିଲେ ।

ଡାକ୍ତରଙ୍କ ୧୦ଦଫା ଦାବି, ରୋଗୀ ସେବା ପ୍ରଭାବିତ



ବଣାଇଁ, ୦୩/୦୭ (ଆ.ପ୍ର) : ବଣାଇଁ ସରକାରୀ ଉପଖଣ୍ଡ ଚିକିତ୍ସାଳୟରେ ଓମରା ଆହନ କମିଟିର ନିର୍ଦ୍ଦେଶ କ୍ରମେ ଓଡିଶା ମେଡିକାଲ ସର୍ଭିସେସ ଆସୋସିଏସନ ତରଫରୁ ଡାକ୍ତର ମାନଙ୍କ ୧୦ଦଫା ଦାବୀ ନେଇ ଆଜି ଠାରୁ କରୁଳାଳାକାନ୍ତ ସେବା ସହିତ ସମସ୍ତ ଚିକିତ୍ସା ସେବା ଓ ରୋଗୀସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ସରକାରୀ ସ୍ତରରେ ଡାକ୍ତର ମାନଙ୍କ ନ୍ୟାୟସଂଗତ ଓ ବୈଧ ଦାବୀ ଗୁଡିକ ପ୍ରତି ଲଗାତାର ଅବହେଳା କରାଯାଇଥିବାରୁ ଏହି ବିକ୍ଷୋଭ ଗ୍ରହଣ କରା ଯାଇଥିବା ବଣାଇ ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଡ଼ଃ ମୋହନ କୁମାର ପତି ପ୍ରକାଶ କରିଥିଲେ । ଡାକ୍ତରଙ୍କ କାର୍ଯ୍ୟବନ୍ଦ ଯୋଗୁଁ ରୋଗୀ ସେବା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ସରକାର ଡାକ୍ତର ମାନଙ୍କ ନ୍ୟାୟସଂଗତ ଦାବୀ ଗୁଡିକ ତୁରନ୍ତ ସମାଧାନ ନିମନ୍ତେ ଜନ ସାଧାରଣ ତଥା ରୋଗୀ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଅଧ୍ୟକ୍ଷ ଡ଼ଃ ମୋହନ କୁମାର ପତି, ଡ଼ଃ ଲକ୍ଷ୍ମୀ ନାୟକ, ଡ଼ଃ ଲୋକେଶ୍ୱର ପ୍ରଧାନ, ଡ଼ଃ ଅନିରୁଦ୍ଧ ବେହେରା, ଡ଼ଃ ସାଷ୍ଟ୍ରକ କୁମାର, ଡ଼ଃ ଲିଜିମାଳ ମହାପାତ୍ର, ଡ଼ଃ ସୌମ୍ୟ ରଞ୍ଜନ ପାତ୍ର, ଡ଼ଃ ପ୍ରଭାତ କୁମାର ସିଂ, ଗୁଗାମ ଦିଢ଼ିୟା ପ୍ରମୁଖ ଜପସ୍ତିତ ହୋଇ ସରକାରଙ୍କ ପାଖରେ ଡାକ୍ତର ମାନଙ୍କ ନ୍ୟାୟ୍ୟ ଦାବୀ ଯାହାକି ପାଇଁ ପଦକ୍ଷେପ ନିମନ୍ତେ ଦାବୀ ରଖିଥିଲେ ।

ଭଦ୍ରକରେ 'ବିକଶିତ ଭାରତ ଜି-ରାମ୍ ଜି' ୧୨୫ ଦିନିଆ ନିଯୁକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ



ଭଦ୍ରକ, ୦୩/୦୭ (ଆ.ପ୍ର) : କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ ଜି-ରାମ୍ ଜି' ୧୨୫ ଦିନିଆ ନିଶ୍ଚିତ ଶ୍ରମଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ପରିଷଦ ସଭାଳନୀ ଲକ୍ଷରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗ୍ରାମୀଣ ରୋଜଗାର ସୃଷ୍ଟି, ଜିଡିଭୂମିର ସୁଦୃଢ଼ୀକରଣ ଏବଂ ପ୍ରଯୁକ୍ତିଭିତିକ ବିକାଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ପଂଚାୟତ ସମିତି ଅଧ୍ୟକ୍ଷା ରମିମା ନାୟକ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨୫ ଦିନିଆ କାର୍ଯ୍ୟଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ବେରୋଜଗାରଙ୍କ ପାଇଁ ସମ୍ପୂର୍ଣ୍ଣ ସାମଲ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨୫ ଦିନିଆ କାର୍ଯ୍ୟଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ବେରୋଜଗାରଙ୍କ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜିଲ୍ଲା ପ୍ରଶାସନର ଅଧିକାରୀ, ଲୋକପ୍ରତିନିଧି, ସରପଂଚ ଓ ବିଭିନ୍ନ ବର୍ଗର ପ୍ରତିନିଧିମାନେ ଯୋଗଦେଇଥିଲେ । ଅବସରରେ 'ବିକଶିତ ଭାରତ ଜି-ରାମ୍ ଜି' ୧୨୫ ଦିନିଆ ନିଯୁକ୍ତି ଯୋଜନା ସମ୍ପର୍କିତ ଏକ ସଚେତନତାମୂଳକ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ଏହା ମାଧ୍ୟମରେ ଯୋଜନାର ଲକ୍ଷ୍ୟ, ସୁବିଧା ଏବଂ ଗ୍ରାମାଂଚଳରେ ରୋଜଗାର ସୃଷ୍ଟିରେ ଏହାର ଭୂମିକା ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା ।

ଉତ୍କଳ ସାମ୍ବାଦିକ ସଂଘର ୩ ଦିନ ବ୍ୟାପୀ ରାଜ୍ୟ କାର୍ଯ୍ୟ କାରିଣୀ

ଭଦ୍ରକ, ୦୩/୦୭ (ଆ.ପ୍ର) : ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଓ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବର ତୃତୀୟ ଦିବସରେ ପ୍ରଥମ ଅଧିବେଶନ ରେ ଜିଲ୍ଲା ର ସାଙ୍ଗଠନିକ ଦିଗେକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ତଥା ରାଜ୍ୟ ଶୃଙ୍ଖଳା କମିଟି ଅକ୍ଷ ରବିନାରାୟଣ ଖୁଣ୍ଟାଳଙ୍କ ସଭାପତିତ୍ୱ ରେ ଉପସ୍ଥେତ୍ତ ଭୂଦବର୍ଦ୍ଧନ ଓ ଅଲ ଲକ୍ଷ୍ମିତ ଦେବ୍ହି ପ୍ରତିନିଧି ଅଶୋକ କୁମାର ନାୟକ, ରାଜ୍ୟ ସଂଗଠନ ସମ୍ପାଦକ ଅମୃର୍ବ ରଞ୍ଜନ ବେହେରା, ରାଜ୍ୟ କାର୍ଯ୍ୟ କାରୀ ସଦସ୍ୟା ପ୍ରଦୀପ ମହାପାତ୍ର, ନବ ନିର୍ବାଚିତ ଜିଲ୍ଲା ଉପସଭାପତି ରାଜେଶ ଦାସ ଓ ସନ୍ତୋଷ ସାହୁ, ସହ ସମ୍ପାଦକ ସୁଭାଶିଷ ଦ୍ୱିବେଦୀ ପ୍ରମୁଖ ଯ

ପ୍ରକାଶନ
ଆରମ୍ଭ
SEITHO ARAMBHA

ଶନିବାର, ୦୪ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮



କ୍ରୋଏସିଆକୁ ହରାଇ ପ୍ରିକ୍ୱାର୍ଟରରେ ପର୍ତ୍ତୁଗାଲ ମାଡ୍ରିକ୍‌ଙ୍କ ଦୁଃଖଦ ବିଦାୟ

ଟରୋଣ୍ଟୋ, ୩/୭(ନ୍ୟୁ.ଏ): ନାଟକୀୟ ଭାବେ ଇନ୍‌ଜୁରୀ ସମୟରେ ଦବନ ଖେଳାଳି ଗୋନ୍‌କାଲୋ ରାମୋସଙ୍କ ହେଡର ବଳରେ ଶୁକ୍ରବାର ପର୍ତ୍ତୁଗାଲ ୨-୧ ଗୋଲ୍‌ରେ କ୍ରୋଏସିଆକୁ ପରାସ୍ତ କରିଛି । ଏହି ବିଜୟ ସହ ପର୍ତ୍ତୁଗାଲ ଫ୍ରି କ୍ୱାର୍ଟର ଫାଇନାଲ୍‌ରେ ପହଂଚିଯାଇଛି । ସୋମବାର କ୍ୱାର୍ଟର ଫାଇନାଲ୍ ସ୍ଥାନ ପାଇଁ କ୍ଲିଷ୍ଟାନୋ ରୋନାଲ୍‌ଡୋଙ୍କ ଦଳ ପହୋଣ୍ଟ ସେଣ୍ଟର୍ସ ରେଡିଟ । ଶୁକ୍ରବାର ଟରୋଣ୍ଟୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟର ଶେଷ ହୋଇଥିଲା । ହେରେ ୫୩ତମ ମିନିଟ୍‌ରେ ଜୋସିପ୍ ଷ୍ଟାନିସିଲ୍‌ଙ୍କ ଏକ ସୁନ୍ଦର ପାସ୍‌କୁ ରୋଟେରାମ ଡ୍ରିମର ଭଲାନ ଘେରେସିଲ୍ ଗୋଲ୍‌ରେ ପରିଣତ କରି କ୍ରୋଏସିଆକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ । ୬୮ତମ ମିନିଟ୍‌ରେ ପର୍ତ୍ତୁଗାଲକୁ ମିଳିଥିବା ପେନାଲ୍‌ଟିକୁ ଗୋନାଲୁଡୋ ଗୋଲ୍‌ରେ ପରିଣତ

କରି ସ୍ଥିତି ୧-୧ କରି ଦେଇଥିଲେ । ଏହି ଗୋଲ୍ ସହ ୪୧ ବର୍ଷୀୟ ରୋନାଲ୍‌ଡୋ ଫିଫା ବିଶ୍ୱକପ୍ ଇତିହାସରେ ନକ୍‌ଆଉଟ୍‌ରେ ଗୋଲ୍ ଦେବାରେ ସବୁଠୁ ବୟସ୍କ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି । ସେ ୪୧ ବର୍ଷ ୧୪୭ ଦିନ ବୟସରେ ଏହି ଗୋଲ୍ କରିଥିଲେ । ତାଙ୍କ ପୂର୍ବରୁ ଏହି ରେକର୍ଡ ହୋୟାନିଆ ଓ ହର୍ଜେଗୋଭିନା ଅଧିକ ଏଡିନ୍ ଜେକୋ (୪୦ ବର୍ଷ ୧୦୬ ଦିନ ବନାମ ଆମେରିକା)ଙ୍କ ନାମରେ ଥିଲା । ଏହା ମଧ୍ୟ ରୋନାଲ୍‌ଡୋଙ୍କ ବିଶ୍ୱକପ୍ ନକ୍‌ଆଉଟ୍‌ରେ ପ୍ରଥମ ଗୋଲ୍ ହୋଇଥିଲା । ତେବେ ୮୨ତମ ମିନିଟ୍‌ରେ ରୋନାଲ୍‌ଡୋଙ୍କୁ ବାହାରକୁ ଅଣି ବଦଳ ଖେଳାଳି ଭାବି କରି ପର୍ତ୍ତୁଗାଲ ପ୍ରବେଶକ ରୋଡରୋ ମାର୍ଟିନେଜ୍ ନୂଆ ଗୋଲ୍ ଖେଳିଥିଲେ । ଏହାର ଫାଇନାଲ ଦଳକୁ ୯୪ତମ ମିନିଟ୍‌ରେ ମିଳିଥିଲା । ରାଫେଲ ଲିଓଙ୍କ ସୁନ୍ଦର ଲଙ୍ଗ୍ ବଲ୍‌କୁ ଆଣ୍ଡ୍ରେଲା ବେଚେ ରାମୋସ୍ ହେଡ୍‌ରରେ କ୍ରୋଏସିଆ ଗୋଲି ଡୋମିନିକ୍ ଲିଭାକୋଭିଚ୍‌କୁ ପରାସ୍ତ କରି ଗୋଲ୍ ଦେଇଥିଲେ । ଇନ୍‌ଜୁରି ସମୟରେ ୨-୧ରେ ପଛୁଆ ଥିବା କ୍ରୋଏସିଆ ମ୍ୟାଚ୍‌ର ଶେଷ ସ୍ୱିସିଲ୍ ବାଜିବା ପୂର୍ବରୁ ପର୍ତ୍ତୁଗାଲ ଗୋଲ୍ ପୋଷ୍ଟକୁ ବଲ୍ ପଠାଇ ମ୍ୟାଚ୍‌କୁ ଅତିରିକ୍ତ ସମୟକୁ ନେବାକୁ ଯାଉଥିଲା । ସେଲେ ମାର୍ଟିନ ପରିଲିକ୍ ମାରିଥିବା ଏହି ସଟ୍‌ଟି ଭାରରେ ଅଫ୍‌ସାଇଡ୍ ଥିବା ଜଣାପଡ଼ିବାରୁ ରୋଫ୍‌ଟିକୁ ଅମ୍ପାୟର ନାଚନ କରି ଦେଇଥିଲେ । ଏହାକୁ ନେଇ କ୍ରୋଏସିଆ ପ୍ରଶଂସକ କ୍ଷୁବ୍ଧ ହେବା ସହ ପଡ଼ିଆ ଗିଡରକୁ ବୋତଲ ଫିଙ୍ଗିଥିଲେ । ବିଚାରରେ ଶେଷ ହୋଇଥିବା ଏହି ମ୍ୟାଚ୍ ପରେ ଲୁକା ମାଡ୍ରିକ୍‌ଙ୍କ ଅନ୍ତର୍ଜାତୀୟ କାରିଅର ଦୁଃଖ ଦିଗାଳର ଅବସାନ ଘଟିଥିଲା । ୫ ବିଶ୍ୱକପ୍ ଖେଳିଥିବା ୪୦ ବର୍ଷୀୟ ଏହି ଲେଜେଣ୍ଡରି ମିଡ୍‌ଫିଲ୍ଡର ଦଳ ୨୦୧୮ରେ ଉପଚିତ୍ତେତା ଏବଂ ୨୦୨୨ରେ ତୃତୀୟ ସ୍ଥାନ ଅଧିକାର କରିଥିଲା ।

‘ଯୁଦ୍ଧ ବାର୍ତ୍ତା ରୋକିବାକୁ ଇରାନ ନେତାଙ୍କୁ ମାରିବାକୁ ଚାହୁଁଛି ଇସ୍ରାଏଲ’

ନୂଆଦିଲ୍ଲୀ, ୩/୭(ନ୍ୟୁ.ଏ): ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଇରାନକୁ ନେଇ ଚାଲିଥିବା ଉତ୍ତେଜନା ବିବାଦକୁ ନେଇ ଏକ ଚାଂଚଲ୍ୟକର ଖୁଲାସା ହୋଇଛି । ‘ଦ ନ୍ୟୁୟର୍କ ଟାଇମ୍ସ’ ଏବଂ ‘ଦ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ’ର ରିପୋର୍ଟ ଅନୁଯାୟୀ, ଗତ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଅତି ସମ୍ବେଦନଶୀଳ ଯୁଦ୍ଧବିରତି ଆଲୋଚନାକୁ ବିଫଳ କରିବା ପାଇଁ ଇସ୍ରାଏଲ ଇରାନର ଶୀର୍ଷ ନେତାମାନଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଥିଲା । ଏହି ବିଫଳକୁ ଦେଖି ଆମେରିକା ନିଜେ ମଧ୍ୟ-ପ୍ରାଚ୍ୟର କିଛି ଦେଶ ମାଧ୍ୟମରେ ଇରାନକୁ ଏହି ଇସ୍ରାଏଲୀ ଷଡ଼ଯନ୍ତ୍ର ବିଷୟରେ ଆଗୁଆ ଆଲର୍ଟ କରିଥିଲା । ଏହି ଯୋଜନାର ମୁଖ୍ୟ ଟାର୍ଗେଟ୍‌ରେ ଅଛେ ଇରାନର ଦୈବେଦୈକ୍ଷ ମନ୍ତ୍ରୀ ଅବ୍ବାସ ଆରାଗଚି ଏବଂ ସଂସଦର ବାଚସ୍ପତି ମହମ୍ମଦ ବାଗେର ଗାଲିବାଫ୍, ଯେଉଁମାନେ ଆମେରିକା ସହ ଶାନ୍ତି ବାର୍ତ୍ତାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି । ରିପୋର୍ଟ ମୁତାବକ, ଯୁଦ୍ଧ ଆରମ୍ଭ ସମୟରେ ଆମେରିକା ଅଧିକାରୀମାନେ ମଧ୍ୟ ଜାଣୁଥିଲେ ଯେ ଇରାନର ଏହି ନେତାମାନଙ୍କୁ ଟାର୍ଗେଟ୍ କରିବା ଇସ୍ରାଏଲର ବୈଧ ଅଧିକାର । କିନ୍ତୁ, ଏପ୍ରିଲରେ ଯେତେବେଳେ ଦୁଇ ଦେଶ ମଧ୍ୟରେ ଆଣୁଷ୍ଠାନିକ ଶାନ୍ତି ଆଲୋଚନା ଆରମ୍ଭ ହେଲା, ସେତେବେଳେ ଓ୍ୱାଶିଂଟନର ଆଲୀମୁଖୀ ବଦଳିଗଲା । ଆମେରିକା ପ୍ରଶାସନ ଆଶଙ୍କା କରୁଥିଲା ଯେ ଯଦି ଇସ୍ରାଏଲ ଆଗାଉଟି କିମ୍ବା ଗାଲିବାଫ୍‌ଙ୍କ ମଧ୍ୟରୁ କାହାକୁ ବି ଆକ୍ରମଣ କରେ, ତେବେ ମାତ୍ର ମାସର ପରିଶ୍ରମ ପରେ ପ୍ରସ୍ତୁତ ହୋଇଥିବା ସିଜଫାୟାର୍ ଡିଲ୍ ସମ୍ପୂର୍ଣ୍ଣ ବର୍ବାଦ ହୋଇଯିବ ଏବଂ ଯୁଦ୍ଧ ପୁଣି ଅରେ ଭୟଙ୍କର ରୂପ ନେବ । ଆମେରିକାର ଚାପ ପରେ ହିଁ ମାର୍ଚ୍ଚ ମାସରେ ଏହି ଦୁଇ ନେତାଙ୍କ ନାମ ଇସ୍ରାଏଲର ‘ହିଟ୍ ଲିଷ୍ଟ’ରୁ ହଟାଯାଇଥିଲା । ଭାରତ ସଂସଦର ବାଚସ୍ପତି ମହମ୍ମଦ ବାଗେର ଗାଲିବାଫ୍ ଏହି ଯୁଦ୍ଧରେ ଅନେକ ଅର ମୃତ୍ୟୁ ମୁଖରେ ଅଛନ୍ତି । ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗାଲିବାଫ୍ ୨୦୨୫ର ୧୨ ଦିନିଆ ଯୁଦ୍ଧ ଏବଂ ଚଳିତ ବର୍ଷର ସଂଘର୍ଷ ସମୟରେ ଦୁଇ ଦୁଇ ଅର ଇସ୍ରାଏଲ୍ ବୋମା ବିସ୍ଫୋରଣରେ ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଥିଲେ, ଯେଉଁଠାରୁ ତାଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲା । ନିକଟରେ ଯେତେବେଳେ ଗାଲିବାଫ୍ ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍‌ସଙ୍କ ସହ ଆଲୋଚନା ସାରି ତେହେରାନ ଫେରୁଥିଲେ, ସେତେବେଳେ ଇରାନ ବୁଦ୍ଧିଚର ସଂସ୍ଥା ଏକ ବଡ଼ ସୂଚନା ପାଇଥିଲା । ସୂଚନା ଅନୁଯାୟୀ, ଇସ୍ରାଏଲ୍ ତାଙ୍କ ବିମାନକୁ ଆକାଶରେ ଜିଁ ଉଡ଼ାଇ ଦେବାକୁ ଯୋଜନା କରିଥିଲା ଏବଂ ଦୁଇଟି ଇସ୍ରାଏଲୀ ଯୁଦ୍ଧ ବିମାନ ଇରାନ ଆକାଶସୀମାରେ ପ୍ରବେଶ କରିଗଲିଥିଲେ । ଏହାପରେ ଗାଲିବାଫ୍‌ଙ୍କ ବିମାନକୁ ପାକିସ୍ତାନ ସୀମା ନିକଟ ମଶହଦ୍ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଥିଲା ଏବଂ ସେ ସଡ଼କ ପଥରେ ତେହେରାନରେ ପହଂଚିଥିଲେ । ଏହି ଖୁଲାସାରୁ ସ୍ପଷ୍ଟ ଜଣାପଡୁଛି ଯେ ଯୁଦ୍ଧ ଆରମ୍ଭରେ ଏକାଠି ଥିବା ଆମେରିକା ଏବଂ ଇସ୍ରାଏଲର ପନ୍ଥା ଏବେ ଅଲଗା ହୋଇଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କ୍ୱାର୍ଟ ଜେରେଡ୍ କୁଶନର୍ ଏବଂ ଷ୍ଟିଭ୍ ୱିଟକଫ୍‌ଙ୍କ ନେତୃତ୍ୱରେ ଆମେରିକାର ପ୍ରତିନିଧି ଦଳ ଇରାନ ସହ ଆଲୋଚନାକୁ ଆଗକୁ ବଢ଼ାଇବାକୁ ଚାହୁଁଛନ୍ତି । ଜୁନ୍ ମାସରେ ଦୁଇ ଦେଶ ମଧ୍ୟରେ ଘୋଷିତ ପ୍ରଣାଳୀକୁ ପୁଣି ଅରେ ଖୋଲିବା ଏବଂ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା ପାଇଁ ଏକ ଫ୍ରେମ୍‌ୱାର୍କ ବୁଲି ମଧ୍ୟ ହୋଇସାରିଛି । ଇସ୍ରାଏଲ୍ ଅଧିକାରୀ ଏବଂ ବିଶେଷଜ୍ଞମାନେ ଏହି ପ୍ରାଥମିକ ବୁଲିକୁ ଏକ ‘ବଡ଼ ବିପତ୍ତି’ ବୋଲି ମାନୁଛନ୍ତି । ଇସ୍ରାଏଲର କହିବା କଥା ଯେ, ଏହି ବୁଲି ଦ୍ୱାରା ଇରାନକୁ କୋଟି କୋଟି ଡଲାର ମିଳିବ, ଯାହାକି ଦେରେ ସେ ପୁଣି ଶକ୍ତିଶାଳୀ ହୋଇଯିବ । ଇସ୍ରାଏଲର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଇରାନରେ ସତ୍ତା ପରିବର୍ତ୍ତନ, ତାର ମିସାଇଲ୍ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ଏବଂ ହିଜବୁଲ୍ଲା-ହମାସ ଭଳି ପ୍ରକ୍ସି ସଂଗଠନକୁ ସମ୍ପୂର୍ଣ୍ଣ ଶେଷ କରିବା ।

ଇ-ରିକ୍ସା ପ୍ରତି ବିପଦ: ୩ଟି ଚୀନ ଆପ୍ ନିଷିଦ୍ଧ

ନୂଆଦିଲ୍ଲୀ, ୩/୭(ନ୍ୟୁ.ଏ): ଦିଲ୍ଲୀ ସମେତ ଅନେକ ସହରରେ ଇ-ରିକ୍ସା ଚାଳକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିବା ଚୀନର ତିନିଟି ଆପ୍‌କୁ ଆପ୍ ଷ୍ଟୋରରୁ ହଟାଇବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ଆପ୍‌ଗୁଡ଼ିକ ହେଉଛି ବିଏଟି-ବିଏମ୍‌ଏସ୍, ଲୋଭିଜି ଓ ଲଘୋନ୍ ଲାଇ-ଆୟନ । ଅଭିଯୋଗ ଆସିଥିଲା ଯେ କିଛି ଲୋକ ଦ୍ରୁତଥିବ ମାଧ୍ୟମରେ ଏହି ଆପ୍ ବ୍ୟବହାର କରି ଇ-ରିକ୍ସା ବ୍ୟାଟେରୀକୁ ବନ୍ଦ କରି ଭଳି ଜାଳ କାର୍ଯ୍ୟ କରୁଥିଲେ । ଫଳରେ ଗାଡ଼ିଗୁଡ଼ା ଗାଡ଼ି ବନ୍ଦ ହୋଇଯାଉଥିଲା ଓ ଚାଳକମାନଙ୍କୁ ବହୁତ ଅସୁବିଧା ସାମନା କରିବାକୁ ପଡ଼ିଥିଲା । ଏହି ଘଟଣାର କିଛିଦିନ ମଧ୍ୟ ଭାରତୀୟ ହୋଇଥିଲା । ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ କିଛି ଇ-ରିକ୍ସା ଲିଥିୟମ୍ ବ୍ୟାଟେରୀର ଦ୍ରୁତଥିବ ପରିଚାଳନା ସିଷ୍ଟମରେ ଲୌହସି ପାଣ୍ଡ୍ୟାର୍ଡ କିମ୍ବା ସୁରକ୍ଷା ବ୍ୟବସ୍ଥା ନଥିଲା । ତେଣୁ ସେହି ଆପ୍‌ଗୁଡ଼ିକ ଆପେ ସେଥିରେ ସଂଯୋଗ ହୋଇଥିଲା । ଫଳରେ ମନ୍ଦ ଉଦ୍ଦେଶ୍ୟ ରଖିଥିବା ବ୍ୟକ୍ତି ଉକ୍ତ ଆପ୍ ବ୍ୟବହାର କରି ଇ-ରିକ୍ସା ବ୍ୟାଟେରୀ ବନ୍ଦ କରିଦେଉଥିଲେ । ବିଏଟି-ବିଏମ୍‌ଏସ୍ ହେଉଛି ଚୀନର କାମାନି ସେନ୍‌ଜେନ୍ ଗ୍ରିନଏନର୍ଜି ଟେକ୍ନୋଲୋଜି ଦ୍ୱାରା ବିକଶିତ କରାଯାଇଥିବା ଏକ ଆପ୍ । ସୋସିଆଲ ମିଡିଆ ଚର୍ଚ୍ଚା ଅନୁସାରେ ଏହି ଆପ୍‌ଗୁଡ଼ିକ ଜରିଆରେ ଦେଶର ସମସ୍ତ ଇ-ରିକ୍ସା କିମ୍ବା ଇଲେକ୍ଟ୍ରିକ୍ ଯାନକୁ ବନ୍ଦ କରାଯାଇପାରିବ । ଯେଉଁ ଗାଡ଼ିଗୁଡ଼ିକର ବ୍ୟାଟେରୀରେ ଦ୍ରୁତଥିବ ପ୍ରଯୁକ୍ତି ରହିଛି ଓ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଦିମା, ସେହି ଗାଡ଼ିଗୁଡ଼ିକୁ ଏହି ଆପ୍ ଜରିଆରେ ସହଜରେ ଟାର୍ଗେଟ୍ କରାଯାଇପାରିବ । କିନ୍ତୁ ଲାହ ଭଳି ଗାଡ଼ିକୁ ତାହା ପ୍ରଭାବିତ କରିପାରିବ ନାହିଁ । କାରଣ ସେଥିରେ ବ୍ୟାଟେରୀର ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ରହିଛି । ଯେଉଁ ଇଲିର ବ୍ୟାଟେରୀ ସହ ଦ୍ରୁତଥିବ ସଂଯୋଗ ନାହିଁ, ସେଗୁଡ଼ିକୁ ଏହି ଆପ୍ ଟାର୍ଗେଟ୍ କରିପାରିବ ନାହିଁ । ତେଣୁ ଦେଶରେ ଗାଡୁଥିବା ପୁରୁଣା ଇ-ରିକ୍ସାଗୁଡ଼ିକୁ ଏହି ବିପଦରୁ ସମ୍ପୂର୍ଣ୍ଣ ସୁରକ୍ଷିତ ।

ଜେଲ ଓ ନିଟ୍ ଭର୍ତ୍ତି ନିୟମରେ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ, ୩/୭(ନ୍ୟୁ.ଏ): ଜେଲ ଓ ନିଟ୍ ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଉପରେ ପଡୁଥିବା ଅତ୍ୟଧିକ ଚାପ କମାଇବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ନୀତିଗତ ପରିବର୍ତ୍ତନ ଉପରେ ବିଚାର କରୁଛନ୍ତି । ସୂତ୍ର ଅନୁସାରେ ଆଗାମୀ ଦିନରେ ଜେଲ ଓ ନିଟ୍ କଲେଜରେ ଭର୍ତ୍ତି ସମୟରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ମାର୍କକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଇପାରେ । ବର୍ତ୍ତମାନ ସମୟରେ ଜେଲ ଓ ନିଟ୍ କୋର୍ସରେ ଭର୍ତ୍ତି ପାଇଁ ପ୍ରାୟ ସମ୍ପୂର୍ଣ୍ଣ ଭାବେ ଜେଲ ଓ ନିଟ୍ ସ୍କୋର ଉପରେ ନିର୍ଭର କରାଯାଉଛି । ବୋର୍ଡ ପରୀକ୍ଷାର ନମ୍ବର କେବଳ ଯୋଗ୍ୟତା ନିର୍ଣ୍ଣୟ ପାଇଁ ବ୍ୟବହୃତ ହେଉଛି । ନୂଆ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ବୋର୍ଡ ମାର୍କ ଓ ପ୍ରବେଶିକା ପରୀକ୍ଷାର ଫଳାଫଳ ଭରାଯାଇ ସମାନ ଗୁରୁତ୍ୱ ଦେଇ ମେରିଟ୍ ତାଲିକା ପ୍ରସ୍ତୁତ କରାଯାଇପାରେ । ଏହାଛଡ଼ା ପ୍ରବେଶିକା ପରୀକ୍ଷାର ସିଲାବସକୁ ସ୍କୁଲ ପାଠ୍ୟକ୍ରମ ସହ ଅଧିକ ସମନ୍ୱୟ କରିବା, କୋଚିଂ ସେଂଟର ଉପରେ ନିର୍ଭରଶୀଳତା କମାଇବା, ଛାତ୍ରଛାତ୍ରୀଙ୍କୁ ଏକାଧିକ ଥର ପରୀକ୍ଷା ଦେବାର ସୁଯୋଗ ଦେବା ଏବଂ ପରୀକ୍ଷାକୁମେ କମ୍ପ୍ୟୁଟର ଆଧାରିତ ଅନ୍ତର୍ଯ୍ୟାମୀ ପରୀକ୍ଷା ବ୍ୟବସ୍ଥା ଆଣିବା ଭଳି ପ୍ରସ୍ତାବ ମଧ୍ୟ ବିଚାରାଧୀନ ରହିଛି । ଶିକ୍ଷା ମନ୍ତ୍ରଣାଳୟ ଗଠିତ ୯ ସଦସ୍ୟ ବିଶିଷ୍ଟ କମିଟି ଏହି ଉପରେ ଅଧ୍ୟୟନ କରୁଛି । କୋଚିଂ ସଂସ୍କୃତି, ଡମି ସ୍କୁଲର ବୃଦ୍ଧି, ପେପର ଲିକ୍ ଓ ପରୀକ୍ଷା ବ୍ୟବସ୍ଥାରେ ହୋଇଥିବା ଅନିୟମିତତାକୁ ଦୂରେଇବେ ରଖି ଏହି ପରିବର୍ତ୍ତନ ଉପରେ ଚିନ୍ତା କରାଯାଉଛି । କମିଟି ଆସନ୍ତା କିଛି ସପ୍ତାହ ମଧ୍ୟରେ ସରକାରଙ୍କୁ ବୃତ୍ତାନ୍ତ ରିପୋର୍ଟ ଦେଇପାରେ । ତେବେ ବର୍ତ୍ତମାନ ସୁଦ୍ଧା ଏହି ପ୍ରସ୍ତାବ ଉପରେ ସରକାରଙ୍କ ପକ୍ଷରୁ କୌଣସି ଅନ୍ତିମ ନିଷ୍ପତ୍ତି କିମ୍ବା ସରକାରୀ ଘୋଷଣା କରାଯାଇନାହିଁ ।

୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ଗଲେ ପ୍ରେମୀ ଯୁଗଳ



ନୂଆଦିଲ୍ଲୀ, ୩/୭(ନ୍ୟୁ.ଏ): ପୁଲିସ ରିମାଣ୍ଡ ଶେଷ ହେବା ପରେ କେତନ ଅଗ୍ରୱାଲ ହତ୍ୟା ମାମଲାର ଅଭିଯୁକ୍ତ ସିୟା ଗୋୟଲ ଓ ତେଚନ ଚୌଧୁରୀଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଆଜି ରିମାଣ୍ଡ ଅବଧି ଶେଷ ହେବା ପରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ପୁନେର ଏକ କୋର୍ଟରେ ହାଜର କରିଥିଲା । ସୋମାଳଙ୍କୁ ଆହୁରି ୩ ଦିନ ରିମାଣ୍ଡରେ ନେବାକୁ ପୁଲିସ ପକ୍ଷରୁ ଆବେଦନ କରାଯାଇଥିଲା । ପୁଲିସର ଯୁକ୍ତି ଥିଲା ଯେ ସିୟା ଗୋୟଲ ଓ ତେଚନ ଚୌଧୁରୀଙ୍କ ମୋବାଇଲ ଫୋନରୁ ମିଳିଥିବା ଚାଟ୍‌ରେ କିଛି ସଙ୍କେତ ଏବଂ କୋଡ୍ ଭାଷା ବ୍ୟବହାର କରାଯାଇଛି, ଯାହାର ରହସ୍ୟ ଭେଦ କରିବା ପାଇଁ ସୋମାଳଙ୍କୁ ଅଧିକ ପଚରାଉଚରା କରିବା ଆବଶ୍ୟକ । ଅଭିଯୁକ୍ତଙ୍କ ପକ୍ଷରୁ ଲଢୁଥିବା ଓକିଲ ଏହି ଆବେଦନକୁ ବିରୋଧ କରି କହିଥିଲେ ଯେ ମାମଲାର ତଦନ୍ତ ପାଇଁ ପୁଲିସକୁ ପୂର୍ବରୁ ଦୁଇ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ପୁଲିସର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଅଭିଯୁକ୍ତମାନଙ୍କୁ ଜୁଲାଇ ୧୬ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ । ଜୁନ୍ ୧୮ ତାରିଖରେ ପୁନେର ଲୋନିକାଡ଼ ଦୁର୍ଗର ଏକ ପାହାଡ଼ ଉପରୁ କେତନ ଅଗ୍ରୱାଲଙ୍କୁ ଠେଲି ହତ୍ୟା କରିଥିବା ଅଭିଯୋଗରେ ସିୟା ଗୋୟଲ (୨୦) ଓ ତେଚନ ଚୌଧୁରୀ (୨୨)ଙ୍କୁ ଗିରଫ କରାଯାଇଛି । କେତନ ଅଗ୍ରୱାଲ ଓ ସିୟା ଗୋୟଲଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ସମ୍ପର୍କ ଥିଲା । ଚଳିତ ବର୍ଷ ନଭେମ୍ବର ମାସରେ ସୋମାଳଙ୍କର ବିବାହ ହୋଇଥିଲା । ତେବେ ପ୍ରେମିକ ତେଚନଙ୍କ ସହିତ ମିଶି ସିୟା ଯୋଜନାବଦ୍ଧ ଭାବେ କେତନଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି ।

ୟୁରୋପ୍‌ରେ ରେକର୍ଡ ଭଙ୍ଗା ଗ୍ରୀଷ୍ମଲହରୀ: ପ୍ରତିଦିନ ବଢୁଛି ମୃତ୍ୟୁସଂଖ୍ୟା

ନୂଆଦିଲ୍ଲୀ, ୩/୭(ନ୍ୟୁ.ଏ): ୟୁରୋପରେ ରେକର୍ଡ ଭଙ୍ଗା ଗ୍ରୀଷ୍ମଲହରୀରୁ ଲୋକଙ୍କୁ ନିସ୍ତାର ମିଳୁନି । ଅସହ୍ୟ ଗରମ ଯୋଗୁ ପ୍ରତିଦିନ ୟୁରୋପରେ ମୃତ୍ୟୁ ସଂଖ୍ୟା ବଢୁଛି । ପ୍ରାନ୍ସରେ ଜୁନ୍ ଶେଷ ସପ୍ତାହରେ ଗ୍ରୀଷ୍ମଲହରୀ ଯୋଗୁ ୨,୦୨୫ ଅତିରିକ୍ତ ମୃତ୍ୟୁ ହୋଇଛି । ପୂର୍ବ ସପ୍ତାହ ତୁଳନାରେ ଜୁନ୍ ୨୨ରୁ ୨୮ ସପ୍ତାହରେ ଫ୍ରାନ୍ସରେ ଅତିରିକ୍ତ ୨,୦୨୫ ମୃତ୍ୟୁ ହୋଇଛି ବୋଲି ଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀ ଷ୍ଟିଫେନ ବିମ୍ପ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ମୃତ୍ୟୁସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି ସେ କହିଛନ୍ତି । ତେବେ ଫ୍ରାନ୍ସରେ ଜୁନ୍ ଶେଷ ସପ୍ତାହରେ ମୃତ୍ୟୁସଂଖ୍ୟା ୨୧.୧ ପ୍ରତିଶତ ବଢ଼ିଛି । ୪୫ରୁ ୬୪ ବର୍ଷ ବୟସ ବର୍ଗ ମଧ୍ୟରେ ମୃତ୍ୟୁସଂଖ୍ୟା ଅଧିକ ବଢୁଛି । ତେବେ ଗ୍ରୀଷ୍ମଲହରୀ ଯୋଗୁ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କର ସର୍ବାଧିକ ମୃତ୍ୟୁ ହୋଇଛି । ୟୁରୋପରେ ଦୁଇ ଦୁର୍ବାଯାଏଁ ଜନସଂଖ୍ୟା ଜୁନ୍ ୧୫ରୁ ୩୦ ମଧ୍ୟରେ ୩୫ ଡିଗ୍ରି ସେଲସିୟସରୁ ଅଧିକ ତାପମାତ୍ରାରେ ଆଲୁଚ ପାଉଚୁ ହୋଇଛନ୍ତି ।

ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଆପତିଜନକ ମନ୍ତବ୍ୟ ଦେଇ ଡିଏମ୍‌କେ ବିଧାୟକ ଗିରଫ

ନୂଆଦିଲ୍ଲୀ, ୩/୭(ନ୍ୟୁ.ଏ): ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଟିଭିକେ ସଭାପତି ବିଜୟଙ୍କ ବିରୋଧରେ ଆପତିଜନକ ମନ୍ତବ୍ୟ ଦେବା ମାମଲାରେ ଶୁକ୍ରବାର ଡିଏମ୍‌କେ ବିଧାୟକ ଅନିଆ ଆଁ. ରାଧାକ୍ରିଷ୍ଣନଙ୍କୁ ଗିରଫ କରିଛି ପୁଲିସ । ମାଡ୍ରାସ ହାଇକୋର୍ଟ ରାଧାକ୍ରିଷ୍ଣନଙ୍କ ଅଗ୍ରୀମ ଜାମିନ ଆବେଦନକୁ ଖାରଜ କରିଦେବା ପରେ ତାମିଲନାଡୁ ପୁଲିସ ତାଙ୍କୁ ଗିରଫ କରିଛି । ପୁଲିସର ସୂଚନା ଅନୁଯାୟୀ, ଗତ ଜୁନ୍ ୨୦ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଟିରୁଚେନ୍ଦୁର ନିକଟସ୍